# ୧୪ ବର୍ଷ ହେଲା ବନ୍ଦପଡ଼ିଛି କୋଣାର୍କ ଝୋଟକଳ

ଯାଜପୁର,୬।୧ (ହର୍ଷବର୍ଦ୍ଧନ ବେହେରା)

- ନୂତନ ଆଶାରେ ୨୬୦୦ ଶ୍ରମିକ, କର୍ମଚାରୀ
- ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରତିଶ୍ରୁତି ପ୍ରହସନ

ରାଜ୍ୟ ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖି ନୂଆ ନୂଆ ଶିଳ୍ପ କାରଖାନାର ସମ୍ପ୍ରସାରଣ ଓ ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ଏହିକ୍ରମରେ ୨୨।୫।୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲାରେ ୨୪ ବୃହତ ଶିଳ୍ପ କାରଖାନାର ସମ୍ପ୍ରସାରଣ, ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କା ବିନିଯୋଗ ପ୍ରସ୍ତାବ ରହିଥିବାବେଳେ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ଘୋଷଣା ହୋଇଛି। ହେଲେ ଦୀର୍ଘ ୧୪ ବର୍ଷ ହେଲା ବନ୍ଦ ପଡିଥିବା ବହୁ ପୁରୁଣା ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳକୁ ସରକାର ଭୁଲିଯାଇଛନ୍ତି। ଏହି ଝୋଟକଳର ପୁନରୁଦ୍ଧାର କାର୍ଯ୍ୟ ଯଦି ଆରମ୍ଭ ହୁଅନ୍ତା ତେବେ ପ୍ରାୟ ୩ ହଜାର ଶ୍ରମିକ ଓ କର୍ମଚାରୀ ଲାଭବାନ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ୫ ସାଧାରଣ ଉଦ୍ୟୋଗ ଶିଳ୍ପର ଉତ୍ପାଦନ କାର୍ଯ୍ୟ ବନ୍ଦ ପଡ଼ିଛି। ଯଥା ଚୌଦ୍ୱାର ଓଡ଼ିଶା ଟେକ୍ସଟାଇଲ ମିଲ୍, ଝାରସୁଗୁଡା ଭାସ୍କର ଟେକ୍ସଟାଇଲ ମିଲ୍ସ ଲିଃ, ଭୁବନେଶ୍ୱର ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିଃ ଏବଂ ବାରିପଦା ନ୍ୟୁ ମୟୂରଭଞ୍ଜ ଟେକ୍ସଟାଇଲ ମିଲ୍ସ ଓ ଯାଜପୁର ଜିଲା ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳ। କେବଳ ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍‌ର ସମାପନ କାର୍ଯ୍ୟ ହାଇକୋର୍ଟଙ୍କ କମ୍ପାନୀ ଅଦାଲତଙ୍କଠାରେ ବିଚାରାଧୀନ ଥିବା ସୂଚନା ମିଳିଛି। ଏଥିରୁ ଜିଲାର ବଡ଼ଚଣା ବ୍ଲକ କୋଣାର୍କ ଝୋଟକଳ ପୁନରୁଦ୍ଧାର ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଜଳଜଳ ହୋଇ ଦିଶୁଛି। ଏଥିରୁ କୃଷିଭିତ୍ତିକ ସମବାୟ ଶିଳ୍ପକୁ ସରକାର ଅଲୋଡା କରି ଖଣିଜସମ୍ପଦ ଭିତ୍ତିକ ଶିଳ୍ପାୟନ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ମନେହେଉଛି। ୧୯୭୫ରେ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ କୋଣାର୍କ ଝୋଟକଳ ପ୍ରତିଷ୍ଠା ପାଇଁ ଶୁଭ ଦିଆଯାଇଥିଲା। ଏହାପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୮ କୋଟି ଟଙ୍କା ବ୍ୟୟରେ ଝୋଟକଳ ପ୍ରତିଷ୍ଠା ହୋଇଥିଲା।



ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳ।

ଏହିକ୍ରମରେ ୧୯୭୯ରେ ତତ୍କାଳୀନ ଇସ୍ପାତ ଓ ଖଣି ମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। କାରଖାନାରେ କାର୍ଯ୍ୟରତ ପ୍ରାୟ ୨୬୦୦ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରୁ ୧୨୦୦ ଜଣଙ୍କୁ ସ୍ଥାୟୀ କରାଯାଇଥିଲା। ଏହାସହ ୯୦୦ ବଦଳି ଶ୍ରମିକ କାର୍ଯ୍ୟ କରୁଥିଲେ। କାରଖାନାରୁ ୧୩,୨୪୦ ମେଟ୍ରିକ ଟନ ବିଭିନ୍ନ ଅଖା ଉତ୍ପାଦନ ହେଉଥିଲା। ତେବେ କାରଖାନା ଆରମ୍ଭରୁ ୧୨ ବର୍ଷ ପର୍ଯ୍ୟନ୍ତ କ୍ଷତିରେ ଚାଲିଥିଲା। ୧୯୯୧ରେ ତତ୍କାଳୀନ ବିଧାୟକ ଅମରପ୍ରସାଦ ଶତପଥୀଙ୍କ ଉଦ୍ୟମରେ ଉନ୍ନତମାନର ଅଖା କପଡା (ହାସିଆନ) ପ୍ରଥମେ ଉତ୍ପାଦନ ହୋଇଥିଲା। ଏହାପରେ ୧୯୯୪ ପର୍ଯ୍ୟନ୍ତ କ୍ଷତି ପରିବର୍ତ୍ତେ ଲାଭରେ କାରଖାନା ଚାଲିଲା। ଏହାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନବୀକରଣ ପାଇଁ ପୁଣି ୮ କୋଟି ଟଙ୍କା ମଞ୍ଜୁର କରିଥିଲେ। ନବୀକରଣ ନାମରେ ଲକ୍ଷାଧିକ ଟଙ୍କା ସେତେବେଳେ ଆତ୍ମସାତ୍ କରାଯାଇଥିଲା ବୋଲି ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଝୋଟକଳ ପାଇଁ ସେତେବେଳେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ପ୍ରଚୁର ପରିମାଣରେ ଝୋଟ ଚାଷ ହେଉଥିଲା। କିନ୍ତୁ ସେତେବେଳେ ସ୍ଥାନୀୟ ଝୋଟକୁ ନିମ୍ନମାନର ଦର୍ଶାଇ ୪୫୦ କିମି ଦୂର କୋଲକୋତାରୁ ତୋଷା ଓ ସାଜା ନାମକ ଝୋଟ କିଣାଯାଉଥିଲା। ଏଥିଯୋଗୁ କାରଖାନା ପୁଣି ବିପୁଳ ପରିମାଣ କ୍ଷତିରେ ଚାଲିଲା। ଏହାପରେ ସ୍ଥାନୀୟ ଚାଷୀ ଝୋଟ ଚାଷ ପାଇଁ ଆଉ ଆଗ୍ରହ ପ୍ରକାଶ କଲେନାହିଁ। ଏଥିଯୋଗୁ ୨୦୦୧ବେଳକୁ କାରଖାନା ପାଇଁ ଝୋଟ କଞ୍ଚାମାଲର ଅଭାବ ଦେଖାଦେଲା। ଏହିକ୍ରମରେ ୨୦୦୧ ମେ ମାସରେ କାରଖାନା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଗଲା। କିଛି ମାସ ପରେ କାରଖାନା ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ପୁଣି କ୍ଷତି ଦର୍ଶାଇ କମ୍ପାନୀକୁ ସନାତନ କମର୍ସିଆଲ ହାତରେ ଟେକିଦେଇ ଘରୋଇକରଣ କରାଯାଇଥିଲା। ଏହି ଘରୋଇ କମ୍ପାନୀ ମଧ୍ୟ ଠିକ ଭାବେ ଚଳାଇ ନ ପାରି ରାତିଅଧିଆ ଫେରାର ହୋଇଯାଇଥିଲା। କାଳକ୍ରମେ ୨୦୧୨ରେ ଏହି ଝୋଟକଳରେ କାର୍ଯ୍ୟରତ ୧୩୦୦ ନିୟମିତ କର୍ମଚାରୀମାନଙ୍କୁ ଦରମା ଦିଆ ନ ଯାଇ ଭିଆରଏସ୍ ନେବାକୁ କୁହାଯାଇଥିଲା। ଏବେ ସୁଦ୍ଧା ସେହି କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାପ୍ୟ ନ ପାଇ ଆର୍ଥିକ ଅନଟନର ଶିକାର ହେଉଛନ୍ତି। ଏନେଇ କର୍ମଚାରୀମାନେ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଆସୁଛନ୍ତି। ବିଭିନ୍ନ ସମୟରେ ଲୋକପ୍ରତିନିଧିମାନେ ଏହି କାରଖାନାକୁ ଚଳାଇବାକୁ ଉଦ୍ୟମ କରିବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କିଛି ସୁଫଳ ମିଳୁନାହିଁ। ତେଣୁ ନୂଆ ସରକାର ଓଡ଼ିଶାରେ ନିର୍ବାଚିତ ହୋଇଥିବାରୁ ଏହି କାରଖାନାକୁ ପୁଣି କାର୍ଯ୍ୟକ୍ଷମ କରିବାକୁ କର୍ମଚାରୀମାନେ ଦାବି କରୁଛନ୍ତି।

## ସଂକ୍ଷେପରେ

### ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ

ଯାଜପୁରଟାଉନ, ୬।୧(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଉତ୍ସବ ଯାଜପୁର ସହର ନରଣପୁରସ୍ଥିତ ଶ୍ରୀମା ଅରବିନ୍ଦ ମାତୃସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରସାଦ ତ୍ରିପାଠୀ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଚତୁର୍ଭୁଜ ସାହୁ, ନିଶିଥ ରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦ ଓ ଭାରତର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୋଲଖ ବିହାରୀ ସାହୁ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଦେହାଂଶ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ପ୍ରଥମେ ୩ ମିନିଟ୍ ପାଇଁ ସମବେତନ ଧ୍ୟାନ କରାଯିବା ସହ ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା। ଆନନ୍ଦ ଭାଇ ସାବିତ୍ରୀ ଆବୃତ୍ତି କରିଥିବା ବେଳେ ରବି ଭାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମାତୃ ବନ୍ଦନା କରାଯିବା ପରେ ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା। କହ୍ନେଇ ଚରଣ ପୃଷ୍ଟି ପରିଚାଳନାରେ ସହଯୋଗ କରିଥିଲେ।

### ପାଦୁକା ପତ୍ରିକାର ୭ମ ସଂସ୍କରଣ ପ୍ରସ୍ତୁତି ବୈଠକ

ଜେନାପୁର ୬।୧(ଅଶୋକ ଦାସ) : ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ସାହାଣି ଡିହ ପଞ୍ଚାୟତ ଅଧୀନ କଠଉଣି ମଠ ମନ୍ଦିର ପ୍ରାଙ୍ଗଣରେ ବାଲିସାହିସ୍ଥିତ ମା' ବାଘୁଆ ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ ପାଦୁକା ପତ୍ରିକାର ସପ୍ତମ ସଂସ୍କରଣ ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ କାହ୍ନୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ପାଦୁକାର ୭ମ ସଂସ୍କରଣ ଲୋକାର୍ପିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକ କୃଷ୍ଣଚନ୍ଦ୍ର ଖଟୁଆ, ଗୋକୁଳ ଚନ୍ଦ୍ର ମହାନ୍ତି, ଦିଲୀପ ବଳ, ମହେଶ୍ୱର ମାଲିକଙ୍କ ସମେତ ସୋଫିଆ, ପାର୍ବତୀ, ପ୍ରଜ୍ଞା, ପୂଜା, ବବିନା, ଲୋପାମୁଦ୍ରା, ସୁଜାତା, ରଞ୍ଜିତା, ମାନସୀ, ରଶ୍ମିତା ଯୋଗଦେଇଥିଲେ। ଶେଷରେ ସିଆର୍‌ସିସି ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

### ପତଞ୍ଜଳି ଭାରତ ସ୍ୱାଭିମାନ ନ୍ୟାସର ଜୟନ୍ତୀ ସମାରୋହ

ଯାଜପୁରରୋଡ୍,୬।୧(ପବିତ୍ର ରଞ୍ଜନ ମହାନ୍ତି): ନିତ୍ୟ ଯୋଗ କକ୍ଷ, ବ୍ୟାସନଗର ଶାଖା ପକ୍ଷରୁ ପତଞ୍ଜଳି ଭାରତ ସ୍ୱାଭିମାନ ନ୍ୟାସର ୩୨ତମ ଜୟନ୍ତୀ ସମାରୋହ ସୋମବାର ହୋଇଯାଇଛି। ଏହି ଉପଲକ୍ଷେ ନିତ୍ୟ ଯୋଗ କକ୍ଷର କାର୍ଯ୍ୟାଳୟରେ ନବକୁଣ୍ଡୀୟ ମହାଯଜ୍ଞର ଆୟୋଜନ କରାଯାଇଥିଲା। ଦେବେନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଜିଲା ପ୍ରଭାରୀ ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନବକୁଣ୍ଡୀୟ ଯଜ୍ଞରେ ୫୦ ଜଣ ଯୋଗୀ ଭଉଣୀଭାଇ ଅଂଶଗ୍ରହଣ କରିଥିଲେ। ବକ୍ତାମାନଙ୍କ ଦ୍ୱାରା ଭାରତୀୟ ଯଜ୍ଞ ସଂସ୍କୃତି ଓ ଯୋଗ ପ୍ରାଣାୟାମର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ ପୀତବାସ ଶାହା ଓ ସ୍ତ୍ରୀ ପୁରୋଭାଗରେ ରହି ସାହାଯ୍ୟ କରିଥିଲେ। ଶେଷରେ ବ୍ୟାସନଗର ତହସିଲ ପ୍ରଭାରୀ କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ପାଇଁ ପ୍ରସ୍ତୁତି

ବଡ଼ଚଣା,୬।୧ (ଦିଲୀପ କୁମାର ମହାନ୍ତି)

ବରିଷ୍ଠ ନାଗରିକ ମଞ୍ଚ, ଚଣ୍ଡିଖୋଲର ସାଧାରଣ ପାରିଷଦ ବୈଠକ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାୟୀ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ମହାପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ବିଶ୍ୱାଳ, ବଟକୃଷ୍ଣ ଜେନା, ଲକ୍ଷ୍ମୀଧର ସାହାଣୀ, ଉପସଭାପତି କ୍ଷୀରୋଦ ମାହାଲା, ଉତ୍ତମ ରଣା, ଈଶ୍ୱର ସାମଲ, ରଞ୍ଜନ କୁମାର ଜେନା, ଅଜୟ କୁମାର ଜେନା, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଚଣ୍ଡିଖୋଲ ଛକଠାରେ କରାଯାଇଛି। ନାଗରିକମାନଙ୍କ ସେବା ପାଇଁ ଏହି ମଞ୍ଚ ବଦ୍ଧ ପରିକର, ସରକାରୀ ସାହାଯ୍ୟ ପାଇଁ ଏହି ମଞ୍ଚ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସାଧାରଣ ପରିଷଦ ବୈଠକ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ନାୟକ ପ୍ରକାଶ କରିଛନ୍ତି। ଏହି ସାଧାରଣ ପାରିଷଦ ବୈଠକ ଚଣ୍ଡିଖୋଲ ଛକସ୍ଥିତ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ।

## କ୍ଷେତ୍ରିୟ, ଖଣ୍ଡାୟତ ସଙ୍ଗଠିତ ହେବାକୁ ଆହ୍ୱାନ



ଖଣ୍ଡାୟତ ମହାସଂଘର ଜିଲାସ୍ତରୀୟ ବୈଠକରେ ଯୋଗଦେଇଥିବା କ୍ଷତ୍ରିୟମାନେ।

ରସୁଲପୁର,୬।୧(ରଞ୍ଜିତ ରାଉତ):

**ଆଞ୍ଚଳିକ କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ଜିଲାସ୍ତରୀୟ ବୈଠକ**

ରସୁଲପୁର ବ୍ଲକ୍ ହରିପୁରସ୍ଥିତ ଶ୍ରୀଶ୍ରୀ ବୃନ୍ଦାବନଜୀଉ ମନ୍ଦିର ପରିସରରେ ଜିଲାସ୍ତରୀୟ ଆଞ୍ଚଳିକ କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନଟବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ଅଭିଷେକ ପର୍ବସମ୍ପନ୍ନ ହୋଇଥିଲା। ପ୍ରଭୁ ବୃନ୍ଦାବନ ଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ସଂଗଠନ କାର୍ଯ୍ୟକର୍ତ୍ତା ବିରେନ ରାୟ, ନୃସିଂହ ବଳରାୟ, ଶୁଭେନ୍ଦୁ ଦକ୍ଷିଣ କବାଟ ମହାପାତ୍ର, ପ୍ରତାପ ଚମ୍ପତିରାୟ, ନରେନ ଜେନା, ଗୌତମ ସାମଲ, ଦେବବ୍ରତ ଦାସ, ଗୋପାଳ ସାମଲ, ଭରତବନ୍ଧୁ ବିଶ୍ୱାଳ, ବାଳକୃଷ୍ଣ ଘଡ଼େଇ, ଗଣେଶ ବିଶ୍ୱାଳ, ପ୍ରବୀର ନାୟକ, ରବିନ୍ଦ୍ର ରାଉତ, ବିଶ୍ୱନାଥ ମହାପାତ୍ର, ସଂପାଦକ ତନ୍ମୟ ବରାଳ ପ୍ରମୁଖ ଯୋଗଦେଇ କହିଥିଲେ, ଖଣ୍ଡାୟତମାନେ ସଂଗଠିତ ନାହାନ୍ତି। ଏହି ଜାତିର ଲୋକେ ନିଜ ଭିତରେ ଲଢେଇ କରି ଦୁର୍ବଳ ହୋଇ ଯାଉଛନ୍ତି। ତେଣୁ ଲଢେଇ ଛାଡ଼ି ସଂଗଠିତ ହୋଇ କାର୍ଯ୍ୟ କରିବାକୁ ସେମାନେ ମତବ୍ୟକ୍ତ କରିଥିଲେ। ଆବାହକ ଅମୂଲ୍ୟ ବରାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଅଶୋକ ବରାଳ, ଭାଗିରଥି ବେହୁରିଆ, ସୁମିତ ରାଉତ, ଦାମୋଦର ବରାଳ, ଗୟାଧର ବରାଳ, ନିରାକାର ବରାଳ, ଭାସ୍କର ବରାଳ, ସୋମେଶ ନାୟକ, ହେମନ୍ତ ନାୟକ, ଜଗନ୍ନାଥ ଦେଓ, ଶିଶିର ନାୟକ, ଅଶ୍ୱିନୀ ସ୍ୱାଇଁ, ରାକେଶ ରଞ୍ଜନ ରାଉତ, ନାରାୟଣ ବିଶ୍ୱାଳ, ଅଜିତ ବେହୁରିଆ, ସାନ୍ତନ ସାହା, ସିପୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିବପ୍ରସାଦ ବରାଳ ଧନ୍ୟବାଦ ଦେଇଥିଲେ।

## ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଶୋକ

ଦଶରଥପୁର,୪।୧(ସୁଶାନ୍ତ କୁମାର ବେହୁରିଆ):

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ, ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେଉରିଆ, ମଣ୍ଡଳ ସଭାପତି ମନୋରଞ୍ଜନ ସାହୁ, ସଞ୍ଜୟ ପତି, ଶ୍ରୀଧର ଜେନା, ଏମ୍‌ପିଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା, ଶାନ୍ତିଲତା ମିଶ୍ର, ଆଇଟି ସଂଯୋଜକ ନୃସିଂହ ମିଶ୍ର, ମାୟାଧର ସେଠୀ, କିରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ମଞ୍ଜୁଲତା ମିଶ୍ର, କୁଷ ସାହୁ, ଦେବେନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ପଣ୍ଡା, ରଶ୍ମିକାନ୍ତ ରାଉଳ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ସଞ୍ଚିତାଙ୍କ କାର୍ଯ୍ୟଧାରା ବିଷୟରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ।

## ଭୁଟାନ ରାଷ୍ଟ୍ରଦୂତଙ୍କ ବୌଦ୍ଧପୀଠ ପରିଦର୍ଶନ

ଚଣ୍ଡିଖୋଲ,୬।୧ (ପ୍ରଦୀପ୍ତ କୁମାର ପୃଷ୍ଟି):



ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ପରିଦର୍ଶନ କରିଛନ୍ତି ଭୁଟାନର ରାଷ୍ଟ୍ରଦୂତ ସନ୍ଦୀପ ଆରିଆ ଓ ତାଙ୍କ ପତ୍ନୀ। ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରିକୁ ମଙ୍ଗଳବାର ସପତ୍ନିକ ପରିଦର୍ଶନ କରି ଫେରି ଯାଇଛନ୍ତି। ସେମାନେ ପ୍ରଥମେ ଉଦୟ ଗିରିଠାରେ ପହଞ୍ଚି ମାଧବପୁର ମହାବିହାର ଓ ସିଂହପ୍ରସ୍ଥ ମହାବିହାର ପରିଦର୍ଶନ କରିଥିଲେ। ଏହାପରେ ରତ୍ନଗିରି ଓ ଲଳିତଗିରି ପରିଦର୍ଶନରେ ଯାଇଥିଲେ। ଉଦୟଗିରିଠାରେ ବଡଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ, ଉଦୟ ଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ମହେଶ୍ୱର ବଳ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ।

## ଚୋରି ବାଇକ୍ ଜବତ, ଯୁବକ ଗିରଫ

ଧର୍ମଶାଳା,୬।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଶାନ୍ତି ବଜାର କଲୋନୀରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଏଥିସହିତ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚୋରମୁହାଁ ଗ୍ରାମର ପ୍ରଶାନ୍ତ ମହାନ୍ତି(୩୮)। ବାଇକ୍ ଚୋରି ହୋଇଥିବାନେଇ କଲୋନୀର ଦେବବ୍ରତ ରାଉତ ଅଭିଯୋଗ କରିଥିଲେ। ପୋଲିସ ନଂ.୭୭୭/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ପ୍ରଶାନ୍ତ ମହାନ୍ତିଙ୍କ ଘରୁ ଚୋରି ବାଇକ୍ ମିଳିଥିଲା ବୋଲି ଥାନାଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଅହିୟାସରେ ସେଣ୍ଟ୍ ଜାଭିୟର ସ୍କୁଲ୍ ଉଦ୍‌ଘାଟିତ

ଦଶରଥପୁର,୬।୧(ସୁଶାନ୍ତ କୁମାର ବେହୁରିଆ):



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଦଶରଥପୁର ବ୍ଲକ ଅଧୀନ ଅହିୟାସ ଛକଠାରେ ସେଣ୍ଟ୍ ଜାଭିୟର ସ୍କୁଲ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ସୁବ୍ରତ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଆର୍ମୀ ଅଧିକାରୀ ଗଜେନ୍ଦ୍ର ସାହୁ, ମୁଖ୍ୟବକ୍ତାଭାବେ ଖବରଦାତା ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ନିରଞ୍ଜନ ସାହୁ, ଖବରଦାତା ସୁଶାନ୍ତ ବେହୁରିଆ, ବିଦ୍ୟାଳୟର ପ୍ରିନ୍ସପାଲ ରୁବିନା ପରବିନ, ଭାଇସ ପ୍ରିନ୍ସପାଲ ଗାୟତ୍ରୀ ସାବତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଅନିତା ବିଶ୍ୱାଳ, ଅଙ୍କିତା ତ୍ରିପାଠୀ, ଶୁଭ୍ରାଂଶୀ ଜେନା ଓ ସିପ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମେଲାଣି ନେଲେ ଲକ୍ଷ୍ମୀନାରାୟଣ



ରସୁଲପୁର,୬।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରରେ ୭୧ତମ ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ଜାନୁଆରୀ ୫ରେ ଶେଷ ହୋଇଛି। ଏହାପରେ ମଙ୍ଗଳବାର ଲକ୍ଷ୍ମୀନାରାୟଣ ମେଲାଣି ନେଇଛନ୍ତି। ସନ୍ଧ୍ୟାରେ ଭସାଣ ଉତ୍ସବ ଖୁବ୍ ଯାକଜମକରେ ଆରମ୍ଭ ହୋଇଥିଲା। ୨୧ଦିନ ଧରି ଣ୍ଡପରେ ପୂଜା ପାଉଥିବା ପ୍ରଭୁଙ୍କ ଯୁଗଳମୂର୍ତ୍ତି, ବାହନ ଜଟାୟୁ ପକ୍ଷୀ, ପାର୍ଶ୍ୱଦେବଦେବୀଙ୍କୁ ଏକ ଗାଡିରେ ସଜ୍ଜିତ କରାଯାଇ ବଜାର ପରିକ୍ରମା କରାଯାଇଥିଲା। ପ୍ରଭୁଙ୍କୁ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଓରାଳି ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ଏଥିସହ ପ୍ରଭୁଙ୍କ ମନ୍ଦିର ନିର୍ମାଣ ନିମନ୍ତେ କମିଟି ପକ୍ଷରୁ ଆୟୋଜିତ ଉପହାର ଯୋଜନା ଶେଷ ହୋଇଛି। ଯୋଜନାରେ ଭାଗ ନେଇଥିବା ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି।

## ଭେନେଜୁଏଲା ଉପରେ ଆକ୍ରମଣର ପ୍ରତିବାଦ

ଯାଜପୁରରୋଡ୍,୬।୧ (ପବିତ୍ର ରଞ୍ଜନ ମହାନ୍ତି):





ଏସ୍‌ୟୁସିଆଇ (ସି) ପକ୍ଷରୁ ପ୍ରତିବାଦ କରାଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆନ୍ତର୍ଜାତିକ ସମସ୍ତ ଆଇନ, ନୀତି ନିୟମକୁ ଦଳିଦେଇ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଭେନେଜୁଏଲା ଉପରେ ଆକ୍ରମଣ କରି ସେ ଦେଶର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନିଜ ଦେଶକୁ ନେଇଆସିଛନ୍ତି। ତାଙ୍କ ଉପରେ ବହୁ ମିଥ୍ୟା ଅଭିଯୋଗ ଆଣି ବିଚାର କରାଯିବ ବୋଲି କହିଛନ୍ତି। ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଉପରେ ଏଭଳି ଅଗଣତାନ୍ତ୍ରିକ ଆକ୍ରମଣକୁ ବିଶ୍ୱର ବିଭିନ୍ନ ଦେଶରେ ନିନ୍ଦା କରାଯାଇଛି। ଭାରତ ବର୍ଷରେ ମଧ୍ୟ ଏହାକୁ ନେଇ ବିଭିନ୍ନସ୍ତରରେ ଗଣତନ୍ତ୍ର ପ୍ରେମୀ ବିରୋଧ କରିଛନ୍ତି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଭାରତ ବର୍ଷରେ ପ୍ରତିବାଦ ପରିପ୍ରେକ୍ଷୀରେ ମଙ୍ଗଳବାର ଯାଜପୁରରୋଡର ଗୋପବନ୍ଧୁ ଛକଠାରେ ଏକ ପ୍ରତିବାଦ ସଭା ରାଜ୍ୟ କମିଟି ସଦସ୍ୟ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କମିଟି ସଦସ୍ୟ ସୁରେଶ ପ୍ରଧାନ, କେଦାର ନାଥ ସାହୁ, ଜିଲା କମିଟି ସଦସ୍ୟ ନିରୁପମା ବେହେରା, ବିଶିଷ୍ଟ ସଙ୍ଗଠକ ମେଘନାଦ ମଲ୍ଲିକ, ଅଲେଖ ମଲ୍ଲିକ, ବିଜୟ ଜେନା, ଶରତ ଜେନା ପ୍ରମୁଖ ଯୋଗଦେଇ କହିଥିଲେ, ଭେନେଜୁଏଲା ହେଉଛି ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଖଣିର ଦେଶ। ତେଣୁ ଆମେରିକା ଓ ତାର ମିତ୍ର ରାଷ୍ଟ୍ର କର୍ପୋରେଟ ହାଉସଙ୍କ ଲୋଲୁପ ଦୃଷ୍ଟି ରହିଛି କିପରି ତାକୁ ନିଜ ଅକ୍ତିଆରକୁ ଆଣିବେ। ସେଥିପାଇଁ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଉପରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆଣି ଆମେରିକା ଏହି ଆକ୍ରମଣ କରିଛି। ଏହା ବିରୋଧରେ ଦେଶର ସମସ୍ତ ଗଣତାନ୍ତ୍ରିକ ସମ୍ପନ୍ନ ଜନସାଧାରଣ ବ୍ୟାପକ ଶାନ୍ତି ଆନ୍ଦୋଳନ ଗଢି ତୋଳିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଏଥିସହିତ ଆମେରିକା ଶୀଘ୍ର ଭେନେଜୁଆଲାର ରାଷ୍ଟ୍ରପତି ଓ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ିଦେବାକୁ ଦାବି କରିଛନ୍ତି।

## କଟକ ୟୁନିୟନ ସ୍ପୋର୍ଟିଂ ବିଜୟୀ

**ରାଜ୍ୟସ୍ତରୀୟ ଚକାଆଖି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ଜେନାପୁର,୬।୧(ଅଶୋକ ଦାସ):



ଅତିଥି ଟ୍ରଫି ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଚକାଆଖି ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୯ତମ ରାଜ୍ୟସ୍ତରୀୟ ଚକାଆଖି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଟକର ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇଛି। ରାମଚନ୍ଦ୍ରପୁର ହସ୍ପିଟାଲ ଗ୍ରାଉଣ୍ଡରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ କଟକର ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୫.୨ ଓଭରରେ ୪ ଉଇକେଟ ହରାଇ ୧୪୩ ରନ କରି ବିଜୟୀ ହୋଇଥିଲା। ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ସର୍ବେଶ୍ୱର ମହାନ୍ତି ୨୩ ବଲ ଖେଳି ୭ ଛକା ସହ ୫୬ ରନ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇ ଗ୍ରାମ ମୁଖିଆ ହରିହର ଭୂୟାଁଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଟ୍ରଫି ଉନ୍ମୋଚନ କରିଥିଲେ। ଚକାଆଖି ସ୍ପୋର୍ଟିଂ କ୍ଲବର ମୁଖ୍ୟ ଉପଦେଷ୍ଟା ସରୋଜ ରାଉତ ଉପସ୍ଥିତଥିଲେ। କ୍ଲବ ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଭ୍ୟ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆଇନଜୀବୀ ଭବାନୀ ଶଙ୍କର ପଣ୍ଡାଙ୍କୁ ଏଡିଜେ କୋର୍ଟରେ ଏପିପି ନିଯୁକ୍ତି

ପଟ୍ଟାମୁଣ୍ଡାଇ, ୬।୧ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ପଣ୍ଡାଙ୍କୁ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲାଜଜ୍ କୋର୍ଟରେ ଏପିପି ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ତାଙ୍କର ନୂତନ ନିଯୁକ୍ତି ପାଇଁ ବରିଷ୍ଠ ଆଇନଜୀବୀ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ବୈଜୟନ୍ତ ପଣ୍ଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ରାଜନଗର ଭାଜପା ନେତା ଲଳିତ ବେହେରା, ପୂର୍ବତନ ଭାଜପା ସଭାପତି କିଶୋର ପଣ୍ଡାଙ୍କ ସମେତ ସମସ୍ତ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରମୋଦ ସାହୁ ସରକାରୀ ସିଭିଲ ଏଜିପି ଭାବେ ନିଯୁକ୍ତ

ପଟ୍ଟାମୁଣ୍ଡାଇ, ୬।୧ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ଆଇନଜୀବୀ ପ୍ରମୋଦ ସାହୁଙ୍କୁ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ପ୍ରଥମ ସିଭିଲ ଏଜିପି ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ବୈଜୟନ୍ତ ପଣ୍ଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ରାଜନଗର ଭାଜପା ନେତା ଲଳିତ ବେହେରାଙ୍କ ସମେତ ସମସ୍ତ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ହନୁମାନ ମନ୍ଦିର ପରିସର ସଫେଇ

ରାଜକନିକା, ୬।୧ (ସଞ୍ଜୟ କୁମାର ଦାଶ)

କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ପରିବେଶ ସ୍ୱଚ୍ଛତା ପ୍ରତି ଆଗ୍ରହ ଦେଖାଇ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟରେ ସାମିଲ ରହୁଥିବା ପରିବେଶବିତ୍ ବାପି ଗୋଚ୍ଛାୟତ ରାଜକନିକାର ଅଚିନ୍ତା ହନୁମାନ ମନ୍ଦିର ପ୍ରାଙ୍ଗଣରେ ସଫେଇ କରିଛନ୍ତି। ଏହି ସଫେଇ କାର୍ଯ୍ୟରେ କଟକ ବଡ଼ ମେଡିକାଲର ସହକାରୀ ପ୍ରଫେସର ତଥା ରାଜ୍ୟ ଦନ୍ତ ପରିଷଦର ସଭାପତି ଡା. ଆଶିଷ ବାରିକ ସାମିଲ ହୋଇ ରାଜକନିକା ବ୍ଲକ ଜାଗୁଲାଇପଡା ଅଚିନ୍ତା ହନୁମାନଙ୍କ ପୀଠରେ ଆଳିଆ ଆବର୍ଜନା ସଫେଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଛ ମଣିଷ ବିନୋଦ ନାୟକ, ସାମାଜିକ କର୍ମୀ ପ୍ରକାଶ ନାୟକ, ଅମିତ ନାୟକ, ତୁଷାରକାନ୍ତି ମଲିକ, ପ୍ରଶାନ୍ତ ସାମଲ, ମନୋଜ ନାୟକ, ରଞ୍ଜନ ବାରିକ, ଶ୍ରୀକୃଷ୍ଣ ମହାକୁଳ, ସୋନୁ ଦାସ, ସୁଜଲ ବେହେରା ପ୍ରମୁଖ ଯୋଗଦେଇ ଏହି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

# କେନାଲରେ ପାଣି ନାହିଁ, ମୁଗଚାଷ ବିଳମ୍ବ

ଡେରାବିଶ, ୬।୧ (ବେବର୍ତ୍ତା ଅଜୟ ଦାସ)



ମୁଗ, ବିରି ଚାଷ ପାଇଁ କେନାଲରେ ପାଣି ଆସି ନ ଥିବାରୁ ଜମି ପଡିଆ ପଡିଛି।

■ ଆଶା ଆଶଙ୍କାରେ ଚାଷୀ

■ ପାଣି ଛାଡ଼ିବା ନେଇ ବିଭାଗ ମଧ୍ୟରେ ରହୁନାହିଁ ତାଳମେଳ

ଖରିଫ ଧାନ ଅମଳ ପରେ ରବି ଚାଷ ପାଇଁ କେନାଲ ପାଣି ଉପରେ ନିର୍ଭରଶୀଳ ଚାଷୀମାନେ ଆଶା ଓ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ଚାଷୀମାନେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ଓ ପଟ୍ଟାମୁଣ୍ଡାଇ କେନାଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଡିସେମ୍ବର ୨ୟ ସପ୍ତାହ ସୁଦ୍ଧା ବ୍ଲକ ଅଞ୍ଚଳର ଚାଷୀମାନେ ସେମାନଙ୍କ ଚାଷ ଜମିରୁ ଧାନ ଫସଲ ଅମଳ କରିସାରିବା ପରେ ଉଭୟ କେନାଲରେ ପାଣି ଆସିଲେ ମୁଗ ଓ ବିରି ଚାଷ କରିବାକୁ ଅପେକ୍ଷାରେ କରିଛନ୍ତି। ମାତ୍ର ଜାନୁଆରୀ ମାସ ପ୍ରଥମ ସପ୍ତାହ ସରିବାକୁ ବସିଥିବା ବେଳେ ଏଯାଏ ଏହି ଦୁଇ ମୁଖ୍ୟ କେନାଲରେ ପାଣି ନ ଆସିବାରୁ ଅଞ୍ଚଳର ଚାଷୀମାନେ ହତାଶ ହୋଇ ପଡିଛନ୍ତି। ତୁରନ୍ତ କେନାଲରେ ପାଣି ଛାଡିବାକୁ ନେଇ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ।

ବ୍ଲକ୍ ଅଞ୍ଚଳରେ ଥିବା ୧୩ ହଜାର ହେକ୍ଟର ଚାଷ ଜମି ମଧ୍ୟରୁ ୧୦ ହଜାର ହେକ୍ଟର ଚାଷ ଜମିରେ ମୁଗ ଓ ବିରି ଫସଲ ହୋଇଥାଏ। ମାତ୍ର ଚଳିତବର୍ଷ ଏହି ରବି ଚାଷ ପାଇଁ ଚାଷୀ ହାତ ବାନ୍ଧି ବସିଛନ୍ତି। ଏହି ଚାଷ ପାଇଁ ବହୁ ବିଳମ୍ବ ହେଉଥିବାରୁ ଚାଷ ଜମିରେ ଏଯାଏ ହଳ ମଧ୍ୟ ହୋଇପାରୁନାହିଁ। ଏ ବିଷୟରେ ଚାଷୀ ଲକ୍ଷ୍ମୀଧର ମହାପାତ୍ର ଓ ଖଗେଶ୍ୱର ଲେଙ୍କା କେନାଲରେ ପାଣି ଛାଡ଼ିବାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ଖଗେଶ୍ୱର କହିଛନ୍ତି, ମୁଗ ଓ ବିରି ଚାଷ ବ୍ଲକ ଅଞ୍ଚଳର ଚାଷୀମାନଙ୍କ ଏକ ପ୍ରଧାନ ଜୀବିକା ହୋଇଥିବା ବେଳେ ଜଳ ସମ୍ପଦ ବିଭାଗ କିପରି ନୀରବଦ୍ରଷ୍ଟା ପାଲଟିଛି। ଖୁବ୍‌ଶୀଘ୍ର ଉଭୟ ମୁଖ୍ୟ କେନାଲରେ ପାଣି ଛଡ଼ା ନ ଗଲେ ବ୍ଲକ୍ ଅଞ୍ଚଳର ଚାଷମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି। ଏ ବିଷୟରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲ ପାଣି ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜଳ ସମ୍ପଦ ବିଭାଗ ଜଗତପୁର ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ପଚାରିବାରୁ ଉଭୟ କେନାଲରେ ପାଣି ଛାଡିବା ପାଇଁ କେନ୍ଦ୍ରାପଡ଼ା ଜିଲାର ବିଭାଗୀୟ କର୍ତ୍ତୃପକ୍ଷ ଏଯାଏ ତାଙ୍କୁ କୌଣସି ସୂଚନା ଦେଇନାହାନ୍ତି। କେନ୍ଦ୍ରାପଡ଼ା ଜିଲାର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଯେବେ ତାଙ୍କୁ ପାଣି ଛାଡିବା ପାଇଁ କହିବେ ସେ ଉଭୟ କେଲାରେ ପାଣି ଛାଡି ଦେବେ। ତେବେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଧାନ ଅମଳ ପରେ ଉପରମୁଣ୍ଡ ଚାଷ ଜମିଗୁଡିକରେ ଅପାଣିଆ ମୁଗ ଓ ବିରି ବିହନ ବୁଣା ସରିଛି। ସେହି ସବୁ ଜମିରେ ଗଛଗୁଡିକ ବଡ଼ ହୋଇ ଗଲାଣି। ଯଦି କେନାଲରେ ପାଣି ଛଡ଼ାଯାଏ ତେବେ ଚାଷ ହୋଇଥିବା ଏହି ବିଲଗୁଡିକ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡିବା ପାଇଁ ଦିନେ ୨ ଦିନ ମଧ୍ୟରେ ଜଗତପୁର ନର୍ଥ ଡିଭିଜନକୁ ଜଣାଇବେ ବୋଲି ସେ କହିଛନ୍ତି। ଅଗ୍ରଣୀ ଚାଷୀ ଦିଗମ୍ବର ମିଶ୍ର କହିଛନ୍ତି, ଚାଷୀଙ୍କ ପାଇଁ ମୁଗ ଓ ବିରି ଚାଷ ମୁଖ୍ୟ ଆୟକାରୀ ଫସଲ ଥିବା ବେଳେ ଜଳ ସମ୍ପଦ ବିଭାଗ ଏହାକୁ କିପରି ଜାଣିପାରିଲେ ନାହିଁ। କେନାଲରେ ଯଦି ପାଣି ନ ଛାଡିବା କଥା ତେବେ ପୂର୍ବରୁ ଚାଷୀମାନଙ୍କୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇ ପାରିଥାନ୍ତା। ବିଳମ୍ବ ହେଉଥିବା ଏହି ଚାଷ ପାଇଁ ଅପେକ୍ଷାରତ ଚାଷୀଙ୍କୁ ଜଳ ସମ୍ପଦ ବିଭାଗ ସମ୍ପୂର୍ଣ୍ଣ ଧୋକା ଦେଇଛି ବୋଲି କହିଛନ୍ତି।

# ପାଣି ପଞ୍ଚାୟତ ସଚେତନତା ରଥ ଆରମ୍ଭ




ସଚେତନତା ରଥକୁ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାର ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ରାପଡ଼ା, ୬।୧ (ଜଗନ୍ନାଥ ଧଳ)

ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଏକ ସଚେତନତା ରଥକୁ ଜିଲାପାଳ ରଘୁରାମ ଆର୍. ଆୟର ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟ, ପ୍ରମୁଖ ସେଚ ଅଞ୍ଚଳ ମାର୍ଗ ଦେଇ ପାଣି ପଞ୍ଚାୟତର ସଫଳତା ତଥା କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ବାର୍ତ୍ତା ବଣ୍ଟନ କରିବ। ପାଣି ପଞ୍ଚାୟତ, ଚାଷୀ ଓ ଚାଷର ହିତେ ସର୍ବଦା ଜାଗ୍ରତ ସ୍ଲୋଗାନର ବାର୍ତ୍ତା ଜନସାଧାରଣଙ୍କ ମଧ୍ୟରେ ବାଣ୍ଟିବ। ମହିଳାମାନଙ୍କର ପାଣି ପଞ୍ଚାୟତରେ ସମ୍ପୃକ୍ତି ଓ ସମାନତାର ଅଧିକାର ବାର୍ତ୍ତା ମଧ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବ। ପାଣି ପଞ୍ଚାୟତଗୁଡ଼ିକର ଦକ୍ଷତା ବିକାଶ, ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି ମାଧ୍ୟମରେ କୃଷକମାନେ ସଶକ୍ତ ହେବା ସହ ନିଜର ରୋଜଗାରକୁ ବୃଦ୍ଧି କରିପାରିବେ ବୋଲି ଏହି ଅବସରରେ ଜିଲାପାଳ ଆୟାର ମତ ରଖିଥିଲେ। ପାଣି ପଞ୍ଚାୟତର ପ୍ରତ୍ୟେକ ସଦସ୍ୟଙ୍କ ଭାଗୀଦାରି ଓ ସମନ୍ୱୟ ବିନା ଏହାର ସଫଳ କାର୍ଯ୍ୟାନ୍ୱୟନ ସମ୍ଭବ ନୁହେଁ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁ, ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ପ୍ରମୁଖ ସାମିଲ ହୋଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀବିଜ୍ଞାନ ଶିକ୍ଷକ, ଅଭିଭାବକ ବୈଠକ

ପଟ୍ଟାମୁଣ୍ଡାଇ, ୬।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଅଭିଭାବକଙ୍କୁ ନିଜର ସୁଚିନ୍ତିତ ମତ ଦେବାକୁ କହିଥିଲେ। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗ ଅତିଥି ଅଧ୍ୟାପକ ରାମେଶ ଦାସ ଓ ଲାବୋରେଟୋରୀ ଆଟେଣ୍ଡାଣ୍ଟ ନିରଞ୍ଜନ ବାରିକ ଉପସ୍ଥିତ ଅଭିଭାବକଙ୍କ ସହିତ ଆଲୋଚନା କରି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଅଧ୍ୟାପକ ରାଜେଶ ଦାସ ଧନ୍ୟବାଦ ଦେଇଥିଲେ।

## ଜଡ଼ିବୁଟିକୁ ଆପଣାଇବା ଏବେ ପ୍ରକୃଷ୍ଟ ସମୟ

କଳାବୁଦାରେ ଜାତୀୟ ସିଦ୍ଧ ଦିବସ ପାଳିତ

ପାଟକୁରା, ୬।୧ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ୍ କଳାବୁଦା ନିକଟସ୍ଥ ଉତ୍ତରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଜାତୀୟ ସିଦ୍ଧ ଦିବସ ପାଳିତ ହୋଇଯାଇଛି। ମାହାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ମାଲ୍ୟ ଫାଉଣ୍ଡେଶନର ଅଧ୍ୟକ୍ଷ ସୁବାସ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅବସରପ୍ରାପ୍ତ ଆୟୁର୍ବେଦ ଚିକିତ୍ସକ ଡା. ତ୍ରୈଲୋଚନ ଛାଟୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏବେ ଆଧୁନିକ ଚିକିତ୍ସା ପଦ୍ଧତି ଫଳରେ ପାରମ୍ପରିକ ଜଡ଼ିବୁଟି ଓ ମୁନି ଋଷି ଦ୍ୱାରା ପ୍ରଦତ୍ତ ଆୟୁର୍ବେଦ ଶାସ୍ତ୍ରରେ ଥିବା ପୁରାତନ ଚିକିତ୍ସା ପଦ୍ଧତି ସମୟକ୍ରମେ ବୁଡିବାକୁ ବସିଲାଣି ଡା. ଛାଟୋଇ ବୋଲି କହିଥିଲେ। ତେବେ ଏହି ପାରମ୍ପରିକ ଜଡ଼ିବୁଟି ପଦ୍ଧତି ଆପଣାଇବାକୁ ଏବେ ପ୍ରକୃଷ୍ଟ ସମୟ ଆସିବା ସହ ଏହାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଏଭଳି ଅନୁଷ୍ଠାନ ସବୁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଦାସ, ପଣ୍ଡିତ ପ୍ରଫୁଲ୍ଲ କୁମାର ପଣ୍ଡା, ଜଡ଼ିବୁଟି ଗବେଷକ ମାଧବାନନ୍ଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଦ୍ଧ ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କାନୁନ୍‌ଗୋ ଶଶିଭୂଷଣ ମହାନ୍ତି, ଗତିକୃଷ୍ଣ ଦାସ, ରାଜକିଶୋର ବାରିକ, ନବଘନ ମହାରଣା, ଅକ୍ଷୟ କୁମାର ନାୟକ, ଗୋଲକ କୁମାର ସ୍ୱାଇଁ ଓ କାଳନ୍ଦୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜକ ରମାକାନ୍ତ ସ୍ୱାଇଁ, ଦେବପ୍ରସାଦ ଲେଙ୍କା, ଗୋଲକ ବିହାରୀ ସେଠୀ, ଶ୍ୟାମସୁନ୍ଦର ଲେଙ୍କା ଓ ଦୋଳଗୋବିନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଭୂମି ଗୌରବ ସମ୍ମାନରେ ସମ୍ମାନିତ ହେଲେ ଡ. ହୟଗ୍ରୀବ ଗୁରୁ



ଡ. ହୟଗ୍ରୀବ ଗୁରୁଙ୍କୁ ଭୂମି ଗୌରବ ସମ୍ମାନରେ ସମ୍ମାନିତ କରାଯାଉଛି।

ରାଜକନିକା, ୬।୧ (ସଞ୍ଜୟ କୁମାର ଦାଶ)

ଆର୍ଥିକ ଅନଟନ ମଧ୍ୟରେ ଗାଁରେ ଶିକ୍ଷାଲାଭ ପରେ ସୁଦୂର ମୁମ୍ବାଇରେ ନିଜସ୍ୱ ବୁଦ୍ଧି ବିବେକ ବଳରେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ତଥା ରାଜକନିକା ପାଇଁ ଆଇକନ ପାଲଟିଥିବା ବ୍ଲକର ସିକୋ ପଞ୍ଚାୟତ ଡାଳିକାଏନ୍ଦା ଗାଁର ଡ. ହୟଗ୍ରୀବ ଗୁରୁ ଭୂମି ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ବିପ୍ଳବୀ ଆନନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ବିପ୍ଳବୀ ଆନନ୍ଦ ଚନ୍ଦ୍ର ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବର ବର୍ଣ୍ଣାଢ୍ୟ ପରିବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଭଦ୍ରକ ଜିଲାପାଳ ଦିଲୀପ ରାଉତରାୟ ଏବଂ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାର ଡ. ଗୁରୁଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଅର୍ଥ ଉପାର୍ଜନ କରିବା ମଣିଷ ଜୀବନର ଶେଷ ଲକ୍ଷ୍ୟ ନୁହେଁ ବୋଲି ପ୍ରମାଣିତ କରି ଡ. ଗୁରୁ ସମାଜ ସେବାରେ ବ୍ରତୀ ହୋଇ ମାନବ ସେବା ହିଁ ମାଧବ ସେବା ଲକ୍ଷ୍ୟରେ ନିଜକୁ ସାମିଲ କରି ମୁମ୍ବାଇଠାରେ ଉତ୍କଳ ସମାଜ ସଂସ୍ଥାନ ଗଠନ କରି ୧୮ବର୍ଷ ପର୍ଯ୍ୟନ୍ତ ଏହାର ସଭାପତି ରହିଥିଲେ। ପରେ ଉତ୍କଳ ମରାଠା ଲେବର ଆସୋସିଏଶନ ଗଠନ କରି ଜନସେବାରେ ମନ ବଳାଇଥିଲେ। ସମାଜସେବା ପାଇଁ ନିଜକୁ ସମର୍ପଣ କରି ମା'ମାଟି ନିଜ ଜନ୍ମଭୂମିକୁ ଭଲ ପାଉଥିବା ଏହି ବ୍ୟକ୍ତି ରାଜକନିକା ଡାଳିକାଏନ୍ଦା ଅଞ୍ଚଳରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହୋଇଛନ୍ତି। ନିଜ ଗାଁରେ ନିର୍ଣ୍ଣୟ ଚାରିଟେବଲ ଟ୍ରଷ୍ଟ ଗଠନ କରି ଅଞ୍ଚଳର ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ବର୍ଷ ୪ ଜଣଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ତେବେ ସମାଜସେବାରେ ବ୍ରତୀ ଥିବା ଡ. ଗୁରୁଙ୍କୁ ୨୦୧୦ରେ ଟପ୍ ଟେନ ପୁରସ୍କାର, ୨୦୧୧ରେ ଜୟ ଜୟଦେବ ଜାତୀୟ ପୁରସ୍କାର, ୨୦୧୨ରେ ଶ୍ରେଷ୍ଠ ସାମାଜିକ କର୍ମୀ ପୁରସ୍କାର, ୨୦୧୪ରେ ଓଡ଼ିଶା ସ୍ମାର୍ଟ ନବରତ୍ନ ପୁରସ୍କାର, ୨୦୨୧ରେ ମହାରାଷ୍ଟ୍ରରେ କରୋନା ଯୋଦ୍ଧା ସମ୍ମାନ ପୁରସ୍କାର, ୨୦୨୨ରେ ଓଡ଼ିଶାର ରାଜ୍ୟପାଳ କେନ୍ଦ୍ରାପଡ଼ାଠାରେ କନିକା ଭାସ୍କର ସମ୍ମାନ, ୨୦୨୩ରେ ଡାଳିକାଏନ୍ଦା ଗ୍ରାମବାସୀଙ୍କ ପକ୍ଷରୁ ଡାଳିକାଏନ୍ଦା ରତ୍ନ ସମ୍ମାନ ଓ ୨୦୨୪ରେ କନିକା ପୂଜ୍ୟପୂଜା ପରିଷଦ ପକ୍ଷରୁ ପଲ୍ଲୀପ୍ରାଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏକାଧିକ ସମ୍ମାନରେ ସମ୍ମାନିତ ହୋଇଥିବା ଡ. ଗୁରୁଙ୍କୁ ବିଭିନ୍ନ ମହଲରୁ ବହୁ ଶୁଭେଚ୍ଛା ଜଣାଇଛନ୍ତି।

# ସାଧାରଣ ଲୋକଙ୍କ ଭାଗୀଦାରି ସାହିତ୍ୟକୁ କାଳଜୟୀ କରେ




ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡା, ୬।୧ (ଜଗନ୍ନାଥ ଧଳ)

ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜନାରେ ତ୍ରୟୋବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ରଘୁରାମ ଆର୍. ଆୟାର ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକ ସୁବାସ ଶତପଥୀ, ଶିକ୍ଷାବିତ୍ ଡ. ଶରତ କୁମାର ପଲିତା, ଡ. ତାରାକାନ୍ତ ନାୟକ, ସାହିତ୍ୟିକା ବନ୍ଦନା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପୁସ୍ତକର ଉପାଦେୟତା ସମ୍ପର୍କରେ କହିଥିଲେ, ସାଧାରଣ ଲୋକଙ୍କ ଭାଗିଦାରୀ ସାହିତ୍ୟକୁ କାଳଜୟୀ କରିଥାଏ। ବର୍ତ୍ତମାନ ଡିଜିଟାଲ ଯୁଗରେ ପୁସ୍ତକର ଚାହିଦା କମିନାହିଁ। ଏଥିରେ ସାଧାରଣରେ ଆଗ୍ରହ ସୃଷ୍ଟି କରି ପାରୁଥିବା ପରି ବିଷୟ ରହିବା ଜରୁରୀ। କାଗଜ ଲେଉଟାଇ ପଢ଼ିବା ଓ ମୋବାଇଲ ବା ଡିଜିଟାଲ ଗ୍ୟାଜେଟରେ ପଢ଼ିବା ମଧ୍ୟରେ ବହୁ ଫରକ ଅଛି। ମନ ମଧ୍ୟରେ ଛାପ ଛାଡ଼ିବାକୁ ପୁସ୍ତକର ପୃଷ୍ଠା ଲେଉଟାଇବା ଆବଶ୍ୟକ। ମୋବାଇଲ ଛାଡ଼ି ପୁସ୍ତକ କିଣିବାକୁ ଆଗ୍ରହ ସୃଷ୍ଟି କରିପାରିଲେ ଚାହିଦା ଅଧିକ ହେବ। ଚଳିତବର୍ଷ ପୁସ୍ତକ ମେଳାର ସାତଭାୟା ବିଶେଷାଙ୍କ ଗବେଷଣାତ୍ମକ ଲେଖାରେ ଭରପୁର, ଏହାଦ୍ୱାରା ଉତ୍ତରପିଢ଼ି ଏ ସମ୍ପର୍କରେ ଆଗ୍ରହ ପ୍ରକାଶ କରିବେ। ଯାହାଦ୍ୱାରା ଜନଜୀବନର ପ୍ରତିଛବି ସମ୍ପର୍କରେ ଏକ ସ୍ୱଷ୍ଟ ଧାରଣା ଆସିବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ କେମ୍‌ର ମୁଖପତ୍ର କେନ୍ଦ୍ରାପଡ଼ା ପରିକ୍ରମାର ସାତଭାୟା ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏଥିସହ ଅନ୍ୟ ୪ ପୁସ୍ତକ ଲୋକାର୍ପଣ ହୋଇଥିଲା। ସେହିପରି ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଚିତ୍ର ଗ୍ୟାଲେରୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କେମ ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନବଜ୍ୟୋତି ରାୟ ଅତିଥି ପରିଚୟ ଓ କବି ମାତୃଦତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମହମ୍ମଦ ଜାହିଦ ଖାନ କେମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରଦ୍ୟୁମ୍ନ କୁମାର ବେହୁରା, ରଶ୍ମି ରଞ୍ଜନ ବାରିକ ପୁସ୍ତକ ଉନ୍ମୋଚନକୁ ପରିଚାଳନା କରିଥିବା ବେଳେ ବଂଶୀଧର ମହାନ୍ତି ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କେମର କର୍ମକର୍ତ୍ତା ଡ. ବିରଜା ରାଉତରାୟ, ସରୋଜକାନ୍ତ ସାହୁ, ପ୍ରତାପ ସାହୁ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ା ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା, ୬।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଓ ପୌରାଞ୍ଚଳ ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ହୋଇଯାଇଛି। କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱରସ୍ଥିତ ଶ୍ରୀଗୋପାଳଜୀଉ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ନିତ୍ୟାନନ୍ଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପୌରାଞ୍ଚଳର ସଭାପତି ଭାବେ ପଣ୍ଡିତ ମାଧବଚନ୍ଦ୍ର ପତ୍ରୀ, ଉପସଭାପତି ରବିନାରାୟଣ ଶତପଥୀ, ସମ୍ପାଦକ ଦେବପ୍ରସାଦ ସାମନ୍ତରାୟ ଓ ସଙ୍ଗଠନ ସମ୍ପାଦକ ଭାବେ ହରିହର ଶତପଥୀ ନିର୍ବାଚିତ ହୋଇଛନ୍ତି। ସେହିପରି ବ୍ଲକ ସଭାପତି ଭାବେ ଜଗବନ୍ଧୁ କର, ଉପସଭାପତି ଲକ୍ଷ୍ମୀକାନ୍ତ ଦାଶ, ସମ୍ପାଦକ ଅକ୍ଷୟ କୁମାର ପତି, ସଙ୍ଗଠନ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ପତି ମନୋନିତ ହୋଇଛନ୍ତି। ଏହି ନିର୍ବାଚନରେ ଜିଲା ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ଓ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟର ତଦାରଖ କରିଥିଲେ।

## ଲୁଣିପାଣିରେ ଗଳିଆ ନାଳରେ ବିଜୁ ସେତୁ ନିର୍ମାଣ



ଗଳିଆ ନାଳରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି।

ମହାକାଳପଡ଼ା, ୬।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ବାଲି, ଗୋଡ଼ି, ରଡ୍ ନିମ୍ନମାନର ଅଭିଯୋଗ

■ ୩ କୋଟିର ପ୍ରକଳ୍ପ ନିର୍ମାଣ ଆଶଙ୍କା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ସ୍ଥାନୀୟ ଜଙ୍ଗଲଘେରି ଶବରପଡ଼ା ସଂଲଗ୍ନ ଗଳିଆ ନାଳରେ ବିଜୁ ସେତୁ ନିର୍ମାଣ ଆରମ୍ଭ ହୋଇଛି। ନାଳର ଲୁଣିପାଣିରେ ଢଳେଇ ପଡୁଥିବା ନେଇ ଜଙ୍ଗଲ ଘେରି ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସେତୁ ପ୍ରକଳ୍ପ ବାବଦରେ ୩ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ନିର୍ମାଣ ଦାୟିତ୍ୱ ନେଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର କରାଯାଇ ଠିକାସଂସ୍ଥା ପକ୍ଷରୁ ଖୁଣ୍ଟ(ପିଲାର) କାର୍ଯ୍ୟ ଚାଲିଛି। ଏହି କାମରେ ନିମ୍ନମାନର ବାଲି, ଗୋଡ଼ି, ଲୁହାରଡ୍ ଆଦି ବ୍ୟବହାର କରାଯାଉଛି। ଶବର ଲୋକଙ୍କ ଯାତାୟାତ ଲାଗି ପୂର୍ବ ସରକାର ସମୟରେ ଏହି ନାଳ ଉପରେ ବିଜୁ ସେତୁ ନିର୍ମାଣର ଯୋଜନା ହୋଇଥିଲା। ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ସେତୁର ଦୀର୍ଘ ସ୍ଥାୟିତ୍ୱ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ଭାଗୀରଥି ଦାସଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ଲକ୍‌ରେ ଝୁଲୁଛି ତାଲା

ରାଜନଗର, ୬।୧ (ଭାସ୍କର ରାଉତରାୟ)




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ, ସମିତିସଭ୍ୟ, ବିଜେଡି ନେତାମାନେ ଧାରଣା ଦେଇଛନ୍ତି।

ବିଡିଓଙ୍କୁ ଭାଜପା ନେତା, କର୍ମୀଙ୍କ ଆକ୍ରମଣ ଉଦ୍ୟମ ଘଟଣା

■ ଧାରଣାରେ ନିର୍ବାଚିତ ପ୍ରତିନିଧି ଓ ବିଜେଡି ନେତା: ସରକାରୀ କାର୍ଯ୍ୟ ଠପ୍

ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ଭାଜପା ନେତା ଓ କର୍ମୀ ଆକ୍ରମଣ ଉଦ୍ୟମ ଘଟଣାରେ ବିଜେଡି ସମର୍ଥିତ ଲୋକ ପ୍ରତିନିଧି ଓ ନେତାମାନେ ୩ ଦିନ ହେଲା ବ୍ଲକ କାର୍ଯ୍ୟାଳୟରେ ତାଲା ଝୁଲାଇ ଧାରଣାରେ ବସିଛନ୍ତି। ଫଳରେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍‌ହେବା ସହ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବ୍ଲକ କାର୍ଯ୍ୟାଳୟରେ ତାଲା ପଡିବା ସହ ବିଜେଡି ନେତାମାନେ ଧାରଣାରେ ବସି ରହିଥିବାରୁ ସରକାରୀ କର୍ମଚାରୀମାନେ ଆସି ଫେରିଯାଉଛନ୍ତି। ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସରପଞ୍ଚ ସଂଘ ସଭାପତି ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟା ଝୁକୁମୀନା କୁଅଁର, ସରପଞ୍ଚ ସମୀର ସେଠୀ, ଶୈଳେନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ପ୍ରସନ୍ନ ପରିଡା, ସସ୍ମିତା ମହାନ୍ତି, ବୀଣାପାଣି ପ୍ରଧାନ, ରାଣୀମଞ୍ଜରୀ ସେଠୀ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ ଓ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ସହ ବିଜେଡି ନେତା କୈଳାସ ପରିଡା, ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ମୋହନ ଦାସ ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଧାରଣାରେ ବସିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ବ୍ଲକ୍ ପ୍ରଶାସନ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ବିଡିଓ ଯିଶୁକ୍ରିଷ୍ଣ ଦାସ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ହେଲେ ଆନ୍ଦୋଳନକାରୀ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି କରି ଜିଦ୍‌ରେ ଅଟଳ ରହିଛନ୍ତି। ଗଣଧାରଣା ଥିବାରୁ ବିଜେଡି ନେତାମାନେ ସନ୍ଧ୍ୟାରେ ଉଠିଯାଇଥିଲେ। ବୁଧବାର ପୁଣି ଧାରଣା ଚାଲୁ ରହିବ ବୋଲି ବ୍ଲକ ବିଜେଡି ସଭାପତି ରାଉତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ଗତ ୨ତାରିଖ ମଧ୍ୟାହ୍ନ ୧୨ଟାରେ ଭାଜପା ନେତା ଲଳିତ ବେହେରାଙ୍କ ସହ ଦଳୀୟ କର୍ମୀମାନେ ବିଡିଓଙ୍କ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ କାମ ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନେତା ବେହେରା ବିଡିଓଙ୍କ କମ୍ପ୍ୟୁଟର ମନିଟର ଉଠାଇ ଫିଙ୍ଗିବା ସମୟରେ ଦଳୀୟ ନେତା ଓ କର୍ମୀମାନେ ଧରି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ଏହାକୁ ନେଇ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ନେତାମାନେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିକରି ରାସ୍ତାରୋକୋ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଘଟଣାରେ ବ୍ଲକ ଅଧ୍ୟକ୍ଷା ପାତ୍ର ଭାଜପା ନେତା ବେହେରାଙ୍କ ସହ ୩୦ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ମାମଲା ରୁଜୁକରି ଚୁପ୍ ହୋଇ ବସିଛି। ସେପଟେ ରାଜନଗର ବିଧାୟକ ଧ୍ରୁବ ସାହୁ ମହିଳା ବିଡିଓଙ୍କ ଉପରେ ହୋଇ ଥିବା ଦୁର୍ବ୍ୟବହାର ପ୍ରତିବାଦରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଗୃହ ସଚିବ ହେମନ୍ତ ଶର୍ମାଙ୍କୁ ଭେଟି ଘଟଣାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ପ୍ରଦାନ କରିଛନ୍ତି।

# ଜଳ ସୁରକ୍ଷା ଜୀବନ ରକ୍ଷା, ଅଧିକ ଶସ୍ୟ-ଅଧିକ ବୁନ୍ଦା

## ବୁଢ଼ାବୁଢ଼ୀଆଣିରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଓଡ଼ଗାଁ,୬।୧ (ଆଦର୍ଶ କୁମାର ପଟ୍ଟନାୟକ)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଧ୍ୟମ ଜଳସେଚନ ପ୍ରକଳ୍ପ ବୁଢ଼ାବୁଢ଼ୀଆଣି ଡ୍ୟାମ୍ ବଙ୍ଗଳାଠାରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନୟାଗଡ଼ ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧ୍ୟକ୍ଷ ସୁଧାକର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଢ଼ାବୁଢ଼ୀଆଣିଠାରେ ଅନୁଷ୍ଠିତ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଥିଲା। ଉକ୍ତ ସମାରୋହରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଝିଲ୍ଲୀ ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳେଇ, ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ, କୃଷି ବୈଜ୍ଞାନିକ ଡ. ଅନିଲ କୁମାର ସ୍ୱାଇଁ, ନୟାଗଡ଼-ପାଣିପୋଇଲା ସହକାରୀ ନିର୍ବାହୀଯନ୍ତ୍ରୀ ଶିବ ଶଙ୍କର ବେହେରା, ବୁଢ଼ାବୁଢ଼ୀଆଣି ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ତୃପ୍ତିମୟୀ ନାୟକ, ଦଶପଲ୍ଲା କୁଆଁରିଆ ଡ୍ୟାମ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମିତ କୁମାର ଜେନା ଯୋଗଦେଇ ବୈଜ୍ଞାନିକ କୌଶଳ ଦ୍ୱାରା ଚାଷଜମିକୁ ସ୍ୱଳ୍ପ ଜଳରେ କିପରି ଚାଷ କରାଯାଇ ପାରିବ, ସେ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଜନସଂଖ୍ୟା ବୃଦ୍ଧି ଘଟୁଥିବା ବେଳେ ଚାଷୋପଯୋଗୀ ଜମି ପରିମାଣ କମି କମି ଯାଉଛି। କିନ୍ତୁ ବୈଜ୍ଞାନିକ ପ୍ରଣାଳୀ ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦନ କେବଳ ବଢ଼ିଛି ନୁହେଁ, ବଳକା ହେଉଥିବାରୁ ବିଦେଶକୁ ରପ୍ତାନି ହୋଇପାରୁଛି। ମାଛ ଏବଂ କୁକୁଡ଼ା ଚାଷରେ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବା ନୟାଗଡ଼ ପାଇଁ ଶୁଭ ସଂକେତ ବୋଲି ମୁଖ୍ୟ ଅତିଥି ଇଂ. ଦେବାଶିଷ ପଟ୍ଟନାୟକ କହିଥିଲେ। ଅଧିକ ଶସ୍ୟ ଅଧିକ ବୁନ୍ଦା ଜଳ ଲକ୍ଷ୍ୟ ରହିବା ଉଚିତ। ଗୁଆନ୍ଦ, ଶିଖରପୁର ଓ ଆମ୍ବରାପୁର ପାଣି ପଞ୍ଚାୟତ ତଳମୁଣ୍ଡ ପର୍ଯ୍ୟନ୍ତ ପାଣିଯିବାର ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସୁଧାକର ଷଡ଼ଙ୍ଗୀ କହିଥିଲେ।

ନୟାଗଡ଼ ଜଳସମ୍ପଦ ବିଭାଗ ଦ୍ୱାରା ବିଭାଜନସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ରଚନା ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହକାରୀ ଯନ୍ତ୍ରୀ ଦାମୋଦର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାଗତ ନୃତ୍ୟ ଓ ଆତ୍ମନିର୍ଭରଶୀଳ ଚାଲି ମନମୋହିଲା


ମଞ୍ଚାସୀନ ଅତିଥିଙ୍କ ଗହଣରେ ସ୍ୱାଗତ ନୃତ୍ୟ କରିଥିବା ଛାତ୍ରୀମାନେ।

ନୂଆଗାଁ,୬।୧ (ଧନେଶ୍ୱର ସାହୁ)

## ନୟାଗଡ଼ ଜିଲା ୭ମ ଭାରତ ସ୍କାଉଟ୍ ଗାଇଡ୍ କ୍ୟାମ୍ବୋରିର ଦ୍ୱିତୀୟ ଦିବସ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ୭ମ ନୟାଗଡ଼ ଜିଲା ଭାରତ ସ୍କାଉଟ୍ ଏବଂ ଗାଇଡ୍ କ୍ୟାମ୍ବୋରିର ମଙ୍ଗଳବାର ଦ୍ୱିତୀୟ ଦିବସ ଆକର୍ଷଣୀୟ ହୋଇଥିଲା।

ନୂଆଗାଁ ବ୍ଲକ ଗୁମି ପଞ୍ଚାୟତ ଡିମିରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ୭ମ ଜିଲା ଭାରତ ସ୍କାଉଟ୍ ଏବଂ ଗାଇଡ୍ କ୍ୟାମ୍ବୋରି ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲା। ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା କରାଯାଇଥିଲା। ଦ୍ୱିତୀୟ ଦିବସ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାପାଇଁ ଭାରତ ସ୍କାଉଟ ଗାଇଡ୍ ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର ଆସିଥିବା ବେଳେ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରମାନେ ପାରମ୍ପରିକ ବେଶଭୂଷା ସହ କଲର ପାର୍ଟି ଓ ବ୍ୟାଣ୍ଡ ଡିସ୍‌ପ୍ଲେ ସହିତ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ପାଛୋଟି ଆଣିଥିଲେ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍କାଉଟ୍ ଗାଇଡ୍ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଦଶପଲା ବ୍ଲକ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ, ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁରଲୀଧର କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ମିଶ୍ର ଛାତ୍ରୀମାନଙ୍କୁ ଡାକି ସେମାନଙ୍କ ସହ ଫଟୋ ଉଠାଇଥିଲେ ଏବଂ ସଭା କାର୍ଯ୍ୟ ପରିବର୍ତ୍ତନ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହେବାକୁ ଥିବା କାର୍ଯ୍ୟକ୍ରମ ସାରିବା ପରେ ସଭା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ପରିବେଷଣ କରିଥିବା ଆତ୍ମନିର୍ଭର ଚାଲି ଏବଂ ପିଜାଣ୍ଟଣ୍ଟ ଶୋ'କୁ ଅତିଥିମାନେ ଉପଭୋଗ କରିବା ସହ ଅତିଥିମାନେ ବ୍ୟାଚ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷାଧିକାରୀ ତ୍ରିନାଥ କୁମାର ସାହୁ ପରିଚାଳନା କରିଥିବା ବେଳେ ବିଭିନ୍ନ ସ୍କୁଲରୁ ଆସିଥିବା ଭାରତ ସ୍କାଉଟ୍ ଶିକ୍ଷକ ଓ ଗାଇଡ୍ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା।

# ମଦ କାରବାରକୁ ବିରୋଧ କରିବାରୁ ଘରେ ନିଆଁ ଲଗାଇବା ଘଟଣା: ୩ ଗିରଫ

ଦାରିଙ୍ଗବାଡି, ୬।୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତରେ ପୂର୍ବ ଶତ୍ରୁତାରୁ ଘରେ ନିଆଁ ଲଗାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ଚୋରା ମଦ କାରବାର କରୁଥିବା ବ୍ୟବସାୟୀଙ୍କୁ ଗିରଫ କରିଛି। ତାଙ୍କ ନାମ ହାଡ଼ିପା ପ୍ରଧାନ ଓରଫ ଗୁଡ୍ଡୁ। ତାଙ୍କ ସହ ୨ ସହଯୋଗୀ ଗୋପବନ୍ଧୁ ପ୍ରଧାନ ଏବଂ ସିଦ୍ଧାନ୍ତ ବେହେରାଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ପୋଲିସ କହିଛି।

ମାମଲାରୁ ପ୍ରକାଶ, କିରିକୁଟିରେ ଚୋରାମଦ କାରବାର ଅବାଧ ଭାବେ ଚାଲିଥିବାରୁ କିରିକୁଟି ଗାଁର ମହିଳାମାନେ ଚୋରା ମଦ କାରବାର କରୁଥିବା ବ୍ୟବସାୟୀ ହାଡ଼ିପା ପ୍ରଧାନ ଓରଫ ଗୁଡ୍ଡଙ୍କୁ ଡାକି ତାଗିଦ କରିଥିଲେ। ପରେ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ କରିଥିଲେ। ଫଳରେ ହାଡ଼ିପା କିଛିଦିନ ନୀରବ ରହି ପୁଣି ଅଞ୍ଚଳରେ ଚୋରା ମଦ କାରବାର ଆରମ୍ଭ କରିଥିଲେ। ଏହାକୁ ଗ୍ରାମର ରୁନୁ ବେହେରଦଳାଇ ବିରୋଧ କରି ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହାଡିପାଙ୍କୁ କହିଥିଲେ। ଏଥିରେ ହାଡ଼ିପା ଉତକ୍ଷିପ୍ତ ହୋଇ ରୁନୁଙ୍କ ଉପରେ ପ୍ରତିଶୋଧ ନେବାକୁ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୦ଟାରେ ରୁନୁ ଓ ତାଙ୍କ ୨ ଶିଶୁ ଘରେ ଥିବା ବେଳେ ଘରେ ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ଚନ୍ଦ୍ରଶେଖର ପାତ୍ର ଘରୁ ଅନ୍ୟ ସାହିକୁ ନିଆଁ ପୋଇଁବାକୁ ଯାଇଥିଲେ। ରୁନୁ ବାଡ଼ିପଟ କବାଟ ଖୋଲି ବାହାରକୁ ଦୌଡ଼ି ଆସି ସାହିଲୋକଙ୍କୁ ଡାକିଥିଲେ। ଏହି ସମୟରେ ହାଡ଼ିପା,ଗୋପବନ୍ଧୁ ଓ ସିଦ୍ଧାନ୍ତ ସେଠାରୁ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ପହଞ୍ଚି ରୁନୁଙ୍କ ଘର ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ଧାନ, ଚାଉଳ ଓ ଟଙ୍କା ସବୁ ପୋଡି ପାଉଁଶ ହୋଇଯାଇଥିଲା। ଶନିବାର ଏନେଇ ରୁନୁଙ୍କ ସ୍ୱାମୀ ଚନ୍ଦ୍ରଶେଖର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ସ୍ପଷ୍ଟ ହେବା ପରେ ୨ ଅଭିଯୁକ୍ତ ଗୋପବନ୍ଧୁ ଏବଂ ସିଦ୍ଧାନ୍ତଙ୍କୁ ରବିବାର ଓ ମୁଖ୍ୟ ଅଭିଯୁକ୍ତ ହାଡ଼ିପାଙ୍କୁ ସୋମବାର ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବାସନ୍ତୀ ବେହେରା କହିଛନ୍ତି।

# ପତାକା ଉତ୍ତୋଳନକୁ ନେଇ ହଟଗୋଳ

ନୟାଗଡ/ଦଶପଲ୍ଲା,୬।୧ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

■ଏମ୍‌ପି ନା ବିଧାୟକ ଉତ୍ତୋଳନ କରିବେ ହୋଇ ପାରିଲାନି ନିଷ୍ପତ୍ତି

■ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ ଅଧାରୁ ବନ୍ଦ

ଦଶପଲ୍ଲା ଗାନ୍ଧୀ ମଇଦାନରେ ସହରସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନକୁ ନେଇ ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ପ୍ରସ୍ତୁତି ବୈଠକରେ ହଟ୍ଟଗୋଳ ହୋଇ ଅଧାରୁ ବନ୍ଦ ହୋଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିବାକୁ କେତେକ ସଭ୍ୟ ଅଡି ବସିଥିବାବେଳେ ଆଉ କେତେକ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ କରିବାକୁ କହିଥିଲେ। ପତାକା ଉତ୍ତୋଳନକୁ ନେଇ ପାଟିତୁଣ୍ଡ ଓ ହୋହାଲ୍ଲା ହୋଇ ନିଷ୍ପତି ଝୁଲି ରହିଥିଲା। ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରୀୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ଦଶପଲ୍ଲା ଅଞ୍ଚଳର ବୁଦ୍ଧିଜିବୀ, ସାମାଜିକ କର୍ମୀ, ଶିକ୍ଷାବିତ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ଆରମ୍ଭ ହେଉ ହେଉ କିଏ ପତାକା ଉତ୍ତୋଳନ କରିବେ ସେ ନେଇ ଆଲୋଚନା ହୋଇଥିଲା। ପୂର୍ବରୁ ବିଜେଡି ସରକାର ଥିବାରୁ ବିଜେଡି ବିଧାୟକ ପତାକା ଉତ୍ତୋଳନ କରୁଥିଲେ। ଏବେ ଭାଜପା ସରକାର ଥିବାରୁ କନ୍ଧମାଳ ଏମ୍‌ପି ପତାକା ଉତ୍ତୋଳନ କରିବେ ବୋଲି ପ୍ରସ୍ତାବ ଆସିଥିଲା। ଏପରିକି ସହରସ୍ତରୀୟ ସାଧାରଣତନ୍ତ୍ର ଦିବସ ପୁରୁଣା କମିଟିକୁ ବଦଳାଇବାକୁ ମଧ୍ୟ କୁହାଯାଇଥିଲା। ସମ୍ପୃକ୍ତ ଘଟଣାକୁ ନେଇ ହଟ୍ଟଗୋଳ ହେବାରୁ ବହୁ ସଭ୍ୟ ବାହାରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଅଧ୍ୟକ୍ଷା ବୈଠକକୁ ବାଧ୍ୟ ହୋଇ ଅଧାରୁ ବନ୍ଦ କରାଗଲା ବୋଲି ଘୋଷଣା କରିଥିଲେ।


ପ୍ରସ୍ତୁତି ବୈଠକରେ ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

# ବିବାହ ପ୍ରମାଣପତ୍ର ପାଇଁ ଲାଞ୍ଚ ମଗାଯାଉଥିବା ଅଭିଯୋଗ

ଛତ୍ରପୁର,୬।୧ (ଦିଲୀପ ସାମଲ)

## ଏଡିଏମ୍‌ଙ୍କୁ ଭେଟିଲେ ପୁରୁଷୋତ୍ତମପୁର ଆଇନଜୀବୀ

ପୁରୁଷୋତ୍ତପୁର ଏବିଡିଓ ବିବାହ ପ୍ରମାଣପତ୍ର ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ପୁରୁଷୋତ୍ତମପୁର ଓକିଲ ସଂଘର ବହୁ ସଦସ୍ୟ ମଙ୍ଗଳବାର ଏ ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଏବିଡିଓଙ୍କୁ ତୁରନ୍ତ ବଦଳି କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କିତ ଦାବିପତ୍ର ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି। ବିବାହ ପଞ୍ଜିକରଣ ନିମନ୍ତେ ୧ ହଜାରରୁ ୩ ହଜାର ପର୍ଯ୍ୟନ୍ତ ଟଙ୍କା ନେଉଛନ୍ତି। ଟଙ୍କା ନ ଦେଲେ ସାର୍ଟିଫିକେଟ ଦେଉନାହାନ୍ତି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ତାଙ୍କର ବଦଳି ସହ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଆଇନଜୀବୀମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପୁରୁଷୋତ୍ତମପୁର ଓକିଲ ସଂଘର ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ସମ୍ପାଦକ ରବୀନ୍ଦ୍ର ସାହୁ, ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କନ୍ୟାକୁମାରୀରେ କାର ଧକ୍କାରେ ଯୁବକ ମୃତ

ମୋହନା,୬।୧ (ମନ୍ମଥ ମିଶ୍ର)

କନ୍ୟାକୁମାରୀରେ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗାଁର ନୀଳାଞ୍ଚଳ ନାୟକ । ଗତ ୨୬ ତାରିଖରେ ଗାଁର ୪ ଜଣ ଯୁବକ ଦକ୍ଷିଣ ଭାରତ ବୁଲିବାକୁ ଯାଇଥିଲେ । ୩୧ ରାତିରେ ସେମାନେ କନ୍ୟାକୁମାରୀ ପହଞ୍ଚିଥିଲେ। ରାତି ୯ଟାରେ କନ୍ୟାକୁମାରୀରେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା । ଏଥିରେ ନୀଳାଞ୍ଚଳ ଗୁରୁତର ହୋଇଥିଲେ। ତାଙ୍କ ଭାଇ ସନ୍ତୋଷ ଆହତ ହୋଇଥିଲେ । ୨ ତାରିଖରେ ସେଠାକାର ସ୍ଥାନୀୟ ଡାକ୍ତରଖାନାରେ ନୀଳାଞ୍ଚଳଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରିବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା କାର ଜବତ ହୋଇଛି । ତାଙ୍କ ପରିବାରକୁ ରେଡକ୍ରସରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ତହସିଲଦାର ଚକ୍ରଧର ପାଢ଼ୀ କହିଛନ୍ତି ।

# ଶିକ୍ଷାବିତ୍ ଉପେନ୍ଦ୍ର ଧଳଙ୍କ ପରଲୋକ

ନୟାଗଡ଼,୬।୧ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଚଣ୍ଡିବସ୍ତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର କୁମାର ଧଳ(୭୫)ଙ୍କର ମଙ୍ଗଳବାର ପରଲୋକ ହୋଇ ଯାଇଛି। ସେ ୨୧ ବର୍ଷ ବୟସରେ ଶିକ୍ଷକତା ଆରମ୍ଭ କରି ଚଣ୍ଡିବସ୍ତ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ୨୦୦୯ରେ ଅବସର ନେଇଥିଲେ। ସେ ଗଣିତ ଶିକ୍ଷକ ହୋଇଥିଲେ ହେଁ ଇତିହାସ, ଭୂଗୋଳ ଓ ସାହିତ୍ୟ ପଢ଼ାଇବାରେ ସିଦ୍ଧହସ୍ତ ଥିଲେ। ଗରିବ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସହଯୋଗ କରୁଥିଲେ। ତାଙ୍କର ଘର ଚଣ୍ଡିବସ୍ତ ଗାଁରେ। ତାଙ୍କ ମୃତ୍ୟୁରେ ନୟାଗଡ ବ୍ଲକ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ପାଲା ଗାୟକ ଫକୀର ଚମ୍ପତିଙ୍କ ପରଲୋକ

ନୟାଗଡ଼,୬।୧ (ଲୋକନାଥ ମିଶ୍ର)


ଫକୀର ମୋହନ ଚମ୍ପତି

ନୟାଗଡ଼ ବ୍ଲକ ଶଙ୍ଖେଇ ଗାଁର ଫକୀର ମୋହନ ଚମ୍ପତି(୫୧)ଙ୍କର ଭୁବନେଶ୍ୱର ଏକ ବେସରକାରୀ ହସ୍ପିଟାଲରେ ମଙ୍ଗଳବାର ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଫକୀର ନୟାଗଡ଼ ଯଦୁମଣି ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ। ସେ ଅଧ୍ୟକ୍ଷ ଥାଇ ଅବସର ସମୟରେ ୧୦ ବର୍ଷ ମଧ୍ୟରେ ୩୫୨ ମଞ୍ଚରେ ପାଲା ପରିବେଷଣ କରି ଲୋକପ୍ରିୟ ହୋଇ ପାରିଥିଲେ। ସେ କିଛି ଦିନ ହେଲା କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ। ତାଙ୍କର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇ ଯାଇଥିଲା। ରାଜ୍ୟ ପାଲା ଗାୟକ ପରିଷଦ ଓ ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦ ସଦସ୍ୟ ଏବଂ ନୟାଗଡ଼ ଦକ୍ଷିଣକାଳୀ ଚନ୍ଦ୍ରଶେଖର ମଣ୍ଡଳର ସାଂସ୍କୃତିକ ସମ୍ପାଦକ ଥିଲେ। ତାଙ୍କ ମୃତ୍ୟୁରେ ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦ ଉପସଭାପତି ମନୋଜ କୁମାର ମିଶ୍ର, ନୟାଗଡ଼ ଦକ୍ଷିଣକାଳୀ ଚନ୍ଦ୍ରଶେଖର ମଣ୍ଡଳ ସଭାପତି ପ୍ରଫୁଲ କୁମାର ଷଡଙ୍ଗୀ, ରାଜ୍ୟ ପାଲା ଗାୟକ ପରିଷଦର ବରିଷ୍ଠ ପାଲା ଗାୟକ ମଦନ ମୋହନ ଜେନା ଓ ରାଜ୍ୟ ପାଲା ଗାୟକ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପ୍ରତିବାଦରେ ପଥପ୍ରାନ୍ତ ସଭା

ନୟାଗଡ଼,୬।୧ (ଲୋକନାଥ ମିଶ୍ର)

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପ୍ରତିବାଦରେ ମଙ୍ଗଳବାର ନୟାଗଡ଼ ଟ୍ରାଫିକ ଛକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। କମ୍ରେଡ୍ ହରିଶ୍ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସିପିଏମ୍ ନେତା ଗୋଲକ ବିହାରୀ ମୁଦୁଲି, ଦୁଃଶାସନ ଯେନା, ପବିତ୍ର ଇନ୍ଦ୍ରଜିତ, ନିତ୍ୟାନନ୍ଦ ପରିଡା, ସୁଶୀଲ ମହାନ୍ତି, ନାରୀ ନେତ୍ରୀ ଜ୍ୟୋତିପ୍ରଭା ଯେନା ଓ ଜୟନ୍ତୀ ଦାସ ପ୍ରମୁଖ ଯୋଗଦେଇ ଆମେରିକା ବିରୋଧୀ ବକ୍ତବ୍ୟ ରଖିଥିଲେ। ଜାତିସଂଘ ଘୋଷଣା ପତ୍ରକୁ ବେଖାତିରି କରି ଆମେରିକା ରାତି ଅଧରେ ଭେନେଜୁଏଲାର ରାଜଧାନୀ ଉପରେ ଆକ୍ରମଣ କରି ରାଷ୍ଟ୍ରପତି ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଜବରଦସ୍ତ ଅପହରଣ କରିନେବାକୁ ବକ୍ତାମାନେ ଦୃଢ଼ ନିନ୍ଦା କରିଥିଲେ। ଆମେରିକାର ଏପରି କାର୍ଯ୍ୟକୁ ସାରା ପୃଥିବୀର ବିଭିନ୍ନ ରାଷ୍ଟ୍ର ନିନ୍ଦା କରିବା ସହିତ ଏଥିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ତେବେ ରାଷ୍ଟ୍ରପତି ଦମ୍ପତିଙ୍କୁ ଖଲାସ ନ କଲେ ଆମେରିକା ସାରା ବିଶ୍ୱ କ୍ରୋଧର ଶିକାର ହେବ ବୋଲି ଚେତାଇ ଦେଇଛନ୍ତି।



ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପ୍ରତିବାଦରେ ନୟାଗଡ଼ରେ ପ୍ରତିବାଦ ।

# ପାଣି ପଞ୍ଚାୟତ ପକ୍ଷ ପାଳିତ

ଖଣ୍ଡପଡ଼ା, ୬।୧ (ଅଜୟ କୁମାର ମହାରଣା)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଖଣ୍ଡପଡ଼ା ବ୍ଲକ କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରେ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଚଳିତ ମାସ ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ନିର୍ଦ୍ଦେଶ ରହିଥିବା ବେଳେ ଏ ପରିପ୍ରେକ୍ଷୀରେ କ୍ଷୁଦ୍ର ଜଳସେଚନ ବିଭାଗ ନୟାଗଡ଼ ବିଭାଜନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରଜ କୁମାର ଯାଜୋଡିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ,ପୂର୍ବତନ ଜିଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଓଡ଼ଗାଁ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ରାଉତ, ରଣପୁର ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀତିଶ କୁମାର ତ୍ରିପାଠୀ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚାଷୀମାନଙ୍କ ସମସ୍ୟାର ସମାଧାନ, ଚାଷ ଜମିକୁ ଠିକ୍ ପରିମାଣର ଜଳ ଯୋଗାଣରେ ପାଣିପଞ୍ଚାୟତର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାର ୨୨ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଚାଷୀମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାକୁ କୃଷକ ନେତାମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହେନ୍ଦ୍ର କୁମାର ବାରିକ ମଞ୍ଚ ପରିଚାଳନା କରିବା ସହ କାର୍ଯ୍ୟକ୍ରମ ପାଳନରେ ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨୫୦୦ ଟଙ୍କା, ଦ୍ୱିତୀୟ ଓ ୩ ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଛାତ୍ରଙ୍କୁ ୨ ହଜାର ଓ ୧୫୦୦ ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ସହ ସମସ୍ତ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ସଫଳ ଓ ଦୀର୍ଘ ସ୍ଥାୟୀ କରିବା ପାଇଁ ଶପଥ ପାଠ କରିଥିଲେ। କନିଷ୍ଠ ଯନ୍ତ୍ରୀ ନୃସିଂହ ଚରଣ ଦାଶ,ମଧୁରୀ ଚନ୍ଦ୍ରିକା ସାମଲ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧର୍ମଶାଳାରୁ ବିକାଶ ଆରମ୍ଭ ହେବ: ମନମୋହନ

## ସରିଲା ଧର୍ମଶାଳା ମହୋତ୍ସବ

**କାଏମା, ୬।୧ (ଶିବପ୍ରସାଦ ମହାନ୍ତି):**

ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ମଙ୍ଗଳବାର ୧୩ତମ ଦିନରେ ଶେଷ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଏହି ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ରାଜ୍ୟ ଭାଜପା ମୁଖପାତ୍ର ମନୋଜ ମହାପାତ୍ର, ଭାଜପା ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ପୂର୍ବତନ ଜିଲା ସଭାପତି ଗୌତମ ରାୟ , ଭାଜପା ନେତ୍ରୀ ବବିତା ମଲ୍ଲିକ, ଯୁବନେତା ଉମେଶ ଜେନା ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନୁପସ୍ଥିତି କାରଣରୁ ଏକ ଭିଡିଓ ବାର୍ତ୍ତା ଦେଇଥିଲେ। ଆଗାମୀ ଦିନରେ ଯେବେ ସୁଯୋଗ ମିଳିବ ସେ ନିଶ୍ଚିତ ଆସିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ମଞ୍ଚରେ ଅତିଥି କେକ କାଟି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭାଜପା ରାଜ୍ୟ ସାମଲ କହିଥିଲେ, ବିକଶିତ ଦେଶ ଏବଂ ରାଜ୍ୟ ଗଢ଼ିବା ପାଇଁ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରଚେଷ୍ଟା କରୁଛନ୍ତି। ଆମ ପାଖରେ ସବୁ ସମ୍ପଦ ଅଛି। ତେଣୁ ଧର୍ମଶାଳାରୁ ବିକାଶ ଆରମ୍ଭ। ଶିଳ୍ପମନ୍ତ୍ରୀ ବୌଦ୍ଧ ଧର୍ମାବଲମ୍ବୀଙ୍କ ବିଷୟରେ କହିଥିଲେ। ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ପୁଚୁକି ଗାଲି..., ସୁନେଲି ସୁନେଲି ଖରା...ମୋ ଆଖି ତୋ ଆଇନା ଗୀତ ଗାଇଥିଲେ। ଧର୍ମଶାଳା ପାଇଁ ହିମାଂଶୁ ସବୁ ବେଳେ ଚେଷ୍ଟା କରୁଥିବା ଆକାଶ କହିଥିଲେ। ବିଧାୟକ ଅମର କହିଥିଲେ, ଭାଇଚାରା ବାର୍ତ୍ତା ପାଇଁ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ତାହା ଆଜି ସଫଳ ହୋଇଛି। କମିଟି ସଂଯୋଜକ ଦେବରାଜ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ରବିନରୟଣ ସାହୁ ଧନ୍ୟବାଦ ଦେଇଥିଲେ।


ଧର୍ମଶାଳା ମହୋତ୍ସବରେ ଯୋଗ ଦେଇଥିବା ଅତିଥି କେକ୍ କାଟି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରୁଛନ୍ତି।

## ଅମିତ ମିଶ୍ରଙ୍କ ଗୀତରେ ଝୁମିଲେ ଦର୍ଶକ


ଇଣ୍ଡିଆନ ଆଇଡଲ କଣ୍ଠଶିଳ୍ପୀ ଅମିତ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

ଧର୍ମଶାଳା ମହୋତ୍ସବ ପଡ଼ିଆର ମୁକ୍ତାକାଶ ମଞ୍ଚରେ ଇଣ୍ଡିଆନ ଆଇଡଲର ବଲିଉଡ କଣ୍ଠଶିଳ୍ପୀ ଅମିତ ମିଶ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାକୁ ଦର୍ଶକ ଭରପୁର ଉପଭୋଗ କରିଥିଲେ। ହମ୍ମା ହମ୍ମା..ଦିଲ ଚାହାତା ହେ..ଭଳି ଅନେକ ଗୀତ ଗାଇ ସେ ଦର୍ଶକଙ୍କୁ ଝୁମାଇଥିଲେ। ମହୋତ୍ସବର ଶେଷ ଦିନଥିବାରୁ ବହୁ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଠାକୁ ବୁଲି ଆସୁଥିବା ଲୋକେ ମହୋତ୍ସବରେ ପସରା ମେଲାଇଥିବା ଦୋକାନରୁ ନିଜର ମନପସନ୍ଦର ସାମଗ୍ରୀ କଣିଥିଲେ। ମହୋତ୍ସବ ପଡ଼ିଆରେ ବସିଥିବା ବିଭିନ୍ନ ଖାଦ୍ୟ ଷ୍ଟଲରେ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶକ୍ରମେ କମିଟିର ରଜେଶ ପାଳ, ଜିତେନ୍ଦ୍ର ରାଉତ, ସବ୍ୟସାଚୀ ସୁନ୍ଦରରାୟ, ହିମାଂଶୁ ଶେଖର ମହାନ୍ତି, ଉପେନ୍ଦ୍ର କର, ଅଂଶୁମାନ ରଥ, ଗୌତମ ସାହୁ, ନାରାୟଣ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆଇନ ଶୃଙ୍ଖଳ ପାଇଁ କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ପାଣି ପଞ୍ଚାୟତ ପକ୍ଷ ପାଳିତ

**ଧର୍ମଶାଳା,୬।୧ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଚଣ୍ଡିଖୋଲସ୍ଥିତ ପୂର୍ବାଞ୍ଚଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାରକା ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଶିଶିର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳ ସେଚନ କ୍ଷେତ୍ରରେ ଅନେକ ସୁଧାର ଅଣାଯାଇଛି ବୋଲି କହିଥିଲେ। ଭାଜପା ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ ଅତିଥିଭାବେ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ଚକ୍ରଧର ଜେନାଙ୍କ ସଂଯୋଜନାରେ ଜିଲା ଅତିରିକ୍ତ କୃଷି ଅଧିକାରୀ ଦିଲୀପ ମହାନ୍ତି, ପାଣି ପଞ୍ଚାୟତ ସମ୍ପାଦକ ନଳିନୀକାନ୍ତ ପୃଷ୍ଟି, ପାଣି ପଞ୍ଚାୟତ ସଭାପତି ଦୁଃଶାସନ ସାହୁ, ରମେଶ ଚନ୍ଦ୍ର ଦାଶ ଓ ଅନନ୍ତ ଷେଣ୍ଠ ପ୍ରମୁଖ ଯୋଗଦେଇ ଜଳସେଚନ କ୍ଷେତ୍ରରେ ଆଜିବି ଅନେକ ସମସ୍ୟା ରହିଥିବା କହିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗବତ ବେହେରା ପାଣି ପଞ୍ଚାୟତ ପକ୍ଷ ଉଦ୍ଦେଶ୍ୟରେ ଶପଥ ପାଠ କରାଇଥିଲେ। ସହକାରୀ ଯନ୍ତ୍ରୀ ତୁଷାରକାନ୍ତ ମହାପାତ୍ର, ଇତିଶ୍ରୀ ସାହୁ ଓ କନିଷ୍ଠ ଯନ୍ତ୍ରୀ ବିଭୁପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଦର୍ଶନୀ ପ୍ରତିଯୋଗିତାରେ ରିତିସ୍ ପରିଡ଼ା, ଚିତ୍ରାଙ୍କନରେ କୌଶଲ୍ୟାରାଣୀ ସାହୁ, ବିତର୍କରେ ଶୈଳଜା କର, ରଚନାରେ ସୁଧାଂଶୁ ଶେଖର ପ୍ରଧାନ ଓ ସାଧାରଣ ଜ୍ଞାନ ପରୀକ୍ଷାରେ ଅର୍ପିତା ପ୍ରିୟଦର୍ଶିନୀ ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


ଜାରକା ଜଳସେଚନ ବିଭାଜନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁରଟାଉନ,୬।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ମଙ୍ଗଳବାର ଯାଜପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୪ ତାରିଖରେ ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତର ବାବା ବରୁଣେଶ୍ୱରଙ୍କ ମନ୍ଦିରରେ ମକର ମେଳା ଅନୁଷ୍ଠିତ ହେବ। ବିଗତ ବର୍ଷରେ ବରୁଣେଶ୍ୱର ମେଳାକୁ ଆସିଥିବା କେତେଜଣ ବୁଲା ବିକାଳୀ ବରୁଣେଶ୍ୱରଙ୍କ ମନ୍ଦିର ପରିସରରେ ଆମିଷ ଖାଉଥିବା ଲୋକ ଲୋଚନକୁ ଆସିଥିଲା। ତେବେ ଏହି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପାଇଁ ଚଳିତ ଥର ମେଳାରେ ବୁଲା ବିକାଳୀଙ୍କ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯିବା ପାଇଁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି। ଏଥିସହିତ ମେଳାର ଯାତ୍ରା ମଞ୍ଚରେ ହିନ୍ଦୁ ଦେବଦେବୀ ଓ ସାଧୁସନ୍ଥଙ୍କ ଚରିତ୍ରକୁ ଆକ୍ଷେପ କଲା ଭଳି କୌଣସି ଚରିତ୍ର ପରିବେଷଣ ନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଚନ୍ଦ୍ରକାନ୍ତ ଜେନା, ବିରଞ୍ଚି ଜେନା, ରାଜେନ୍ଦ୍ର ପ୍ରଧାନ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ବାଦଲ ନାୟକ, ଭକ୍ତି ଭୂଷଣ ସ୍ୱାଇଁ, ଶାରଦା ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରଙ୍କ ବେକରେ ଛୁରି ଲଗାଇ ଲୁଟ

ଯାଜପୁରଟାଉନ,୬।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଚିତାଲୋ କଲେଜ ଯୁକ୍ତ ୨ କଳା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୁବ୍ରତ ଓଝା ମଙ୍ଗଳବାର ଲୁଟ୍‌ର ଶିକାର ହୋଇଛନ୍ତି। ସେ ପୂର୍ବାହ୍ନ ୧୦ଟା୩୦ରେ କଲେଜକୁ ପରୀକ୍ଷା ଦେବା ପାଇଁ ଆସୁଥିଲେ। ଦଶରଥପୁର ବ୍ଲକ ବାଲିପଦା ଛକଠାରୁ କଲେଜକୁ ସଂଯୋଗ କରୁଥିବା ରାସ୍ତାରେ ହଠାତ୍ ୨ ଯୁବକ ବାଇକରେ ଆସି ସୁବ୍ରତଙ୍କ ସାଇକେଲ ଅଟକାଇଥିଲେ। ପରେ ତାଙ୍କ ବେକରେ ଛୁରୀ ଲଗାଇ ତାଙ୍କ ମୋବାଇଲ, ଏଟିଏମ୍ ଓ ଟଙ୍କା ଲୁଟ୍ କରି ପଳାଇଥିଲେ। ଏନେଇ ସୁବ୍ରତ ପ୍ରଥମେ ଚିତାଲୋ ବିଟ୍ ହାଉସ୍ ଓ ପରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ କିଛିଦିନ ହେବ ଚିତାଲୋ କଲେଜ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ପୋଲିସ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

### ଓଲଟିଲା ସ୍କୁଲ ଅଟୋ, ୪ ଛାତ୍ରୀଛାତ୍ର ଆହତ

ଯାଜପୁରଟାଉନ,୬।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ଦଶରଥପୁର ଥାନା ଅନ୍ତର୍ଗତ ବାଳଦା ନିକଟରେ ମଙ୍ଗଳପୁର ଅଞ୍ଚଳର ଏକ ଘରୋଇ ସ୍କୁଲରୁ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବା ଅଟୋଓଲଟି ପଡ଼ିଛି। ଅଟୋରେ ୭ ଛାତ୍ରୀଛାତ୍ର ଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଟୋ ଚାଳକ ମଧ୍ୟ ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଖବର ପାଇବା ପରେ ପୋଲିସ ପହଞ୍ଚି ପ୍ରଥମେ ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇଥିଲା। ତେବେ କେଉଁ ପରିସ୍ଥିତିରେ ଅଟୋ ଦୁର୍ଘଟଣାଗ୍ରସ୍ତ ହେଲା ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଗୋକର୍ଣ୍ଣେଶ୍ୱର ପୀଠରେ ଦୀପଦାନ କରି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ

**କାଏମା,୬।୧ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପାକର୍ମୀଙ୍କ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମ ଦିବସକୁ ମହାଆଡ଼ମ୍ବରରେ ପାଳନ କରାଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ସକାଳୁ ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀ, ବରିଷ୍ଠ ନାଗରିକ ଓ ଶତାଧିକ ଭାଜପା କର୍ମୀ ନିକଟସ୍ଥ ବାବା ଗୋକର୍ଣ୍ଣେଶ୍ୱର ପୀଠରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା କରି ପୂଜାପାଠ କରିବା ସହ ସମୂହ ଦୀପଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ ଏବଂ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। କର୍ମକ୍ଷେତ୍ରରେ ଜସ ଆହୁରି ବଢ଼ିବା ପାଇଁ ପ୍ରଭୁ ମହାଦେବଙ୍କ ପାଖରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପାନେତା କାହ୍ନୁଚରଣ ଦାସ, ଜେନାପୁର ମଣ୍ଡଳ ସଭାପତି ଶ୍ରୀବସ୍ତ ଧୀର, କବାଟବନ୍ଧ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ବାରବାଟି ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, କର୍ମୀ ଚନ୍ଦ୍ରମଣି ପଣ୍ଡିତ, ଯୁବନେତା ରାଜେଶ ପାଲ, ଅଭିଷେକ ରାଉତ, ପ୍ରଭାରୀ ଉପେନ୍ଦ୍ର କର, ନାରାୟଣ ମଲିକ, ସୁଷମା ଜେନା, ସୁଜାତା ମହାନ୍ତି, ସବନମ ପରୱିନ, ସୁନିତା ମଲିକ, ମଧୁସ୍ମିତା ପାଲ ଓ ଅନିତା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା କର୍ମୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶୁଭକାମନା କରି ସମୂହ ଦୀପଦାନ କରାଯାଉଛି।

## ଆଜିଠାରୁ ଆମ ବଡ଼ଚଣା ମହୋତ୍ସବ

**ଚଣ୍ଡିଖୋଲ,୬।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଆମ ବଡ଼ଚଣା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହେବ। ଏହି ମହୋତ୍ସବ ୭ ଦିନ ଧରିଚାଲିବ। ଏଥିରେ ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଏସ୍‌ପି ପ୍ରମୁଖ ଅତିଥି ଭାବରେ ଯୋଗଦେବେ। ୧୩ ତାରିଖରେ ମହୋତ୍ସବ ଉଦ୍‌ଯାପିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଓଲିଉଡ ଗାୟକ କୁଳଦୀପ ଓ ୮ ତାରିଖରେ ବଲିଉଡ ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଲୋକଙ୍କ ମନୋରଞ୍ଜନ କରିବେ। ୯ତାରିଖରେ ବଲିଉଡ ଗାୟିକା ପଲକ ମୁଛଲ ଓ ଗାୟକ ପଲାସ ଯୋଗଦେବେ। ୧୦ ତାରିଖରେ ବଲିଉଡ ଗାୟିକା ଅରୁଣିତା କାଞ୍ଜିଲାଲ, ୧୧ରେ ଓଲିଉଡ ଗାୟକ ସତ୍ୟଜିତ ପ୍ରଧାନ, ୧୨ରେ ଓଲିଉଡ ଗାୟିକା ଇରା ମହାନ୍ତି ଓ ୧୩ରେ ଓଲିଉଡ ଗାୟିକା ଲିପ୍‌ସା ମହାପାତ୍ର ଯୋଗଦେବେ ବୋଲି ଆମ ବଡ଼ଚଣା ମହୋତ୍ସବ କମିଟି ପକ୍ଷରୁ ସମ୍ପାଦକ ଦିଲୀପ ଚୌଧୁରୀ ସୂଚନା ଦେଇଛନ୍ତି।

## ଅଲ୍ ଷ୍ଟାର୍ ଚାମ୍ପିୟନ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

**ଭୁବନେଶ୍ୱର,୬।୧ (ଅନୁରାଧା ମହାରଣା):**

ବରୀ ବ୍ଲକ ଅନ୍ତର୍ଗତ ବୋଦୁଅ ପଞ୍ଚାୟତ କଣ୍ଡିଆସ୍ଥିତ କେକେଆର ଖେଳ ପଡ଼ିଆରେ ଅଲ୍‌ଷ୍ଟାର ଚମ୍ପିୟାନ ଲିଗ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭୁବନେଶରକୁ ହରାଇ ବାଙ୍କୀପାଳ ଚାମ୍ପିୟନ ହୋଇଛି। କ୍ଲବ ସଭାପତି ଆଭାସ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଫ୍ରିଡମ ଅଏଲର ଓଡ଼ିଶା ହେଡ୍ ଅମିୟ କୁମାର ଧଳ, କେଜିଆଇର ଚେୟାରମ୍ୟାନ ଆଲେକଜାଣ୍ଡାର ଦାସ, ଦେବୀ ପ୍ରସାଦ ମିଶ୍ର, ସଞ୍ଜୀବ ସାମଲ, ତୁଷାରକାନ୍ତ ଧଳ ଏବଂ ସଞ୍ଜୟ ବିଶାଳ ପ୍ରମୁଖ ଯୋଗଦେଇ ଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ ଦାସ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଚିନ୍ମୟ ପରିଡାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ସିଲ୍ ହେଲା ପୀରବାବା ମାର୍କେଟ୍ କମ୍ପ୍ଲେକ୍ସ

**ଯାଜପୁରଟାଉନ,୬।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୀରବାବା ମାର୍କେଟ କମ୍ପ୍ଲେକ୍ସକୁ ମଙ୍ଗଳବାର ୱାକଫ୍ ବୋର୍ଡ ପକ୍ଷରୁ ସିଲ୍ କରାଯାଇଛି। ଏହି ମାର୍କେଟ୍ କମ୍ପ୍ଲେକ୍ସର ଜମି ଓଡ଼ିଶା ୱାକଫ୍ ବୋର୍ଡରେ ପଞ୍ଜୀକୃତ ହୋଇଛି। କେନ୍ଦ୍ର ସରକାରଙ୍କ ୱାକଫ୍ ପାଣ୍ଠିରୁ ଏହି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ମାର୍କେଟ୍ କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଦୋକାନୀ ଦୀର୍ଘ ବର୍ଷ ହେବ ଘର ଭଡ଼ା ମୁସଲିମ କୋର୍ଟ ଅନୁଯାୟୀ ୱାକଫ୍ ବୋର୍ଡରେ ଦାଖଲ କରୁନାହାନ୍ତି। ସମସ୍ତ ଦୋକାନୀଙ୍କୁ ଭଡ଼ା ଦେବା ପାଇଁ ନୋଟିସ ଜାରି କରାଯାଇଥିଲା। ଏଥିସହିତ ବୋର୍ଡର ସଦସ୍ୟ ବହୁବାର ଦୋକାନୀଙ୍କୁ ଭେଟି ଭଡ଼ା ପୈଠ କରିବାକୁ କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଦୋକାନୀ ଭଡ଼ା ନ ଦେବାରୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବୋର୍ଡ ସଦସ୍ୟ ମାଜିଷ୍ଟ୍ରେଟଙ୍କ ସହ ପୋଲିସ ଫୋର୍ସ ସାଙ୍ଗରେ ନେଇ ମାର୍କେଟ କମ୍ପ୍ଲେକ୍ସ ସିଲ୍ କରିଥିଲେ। ଦୀର୍ଘ ସମୟ ଧରି ୱାକଫ୍ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସେକ୍ ସାଗିନଙ୍କ ସହ ମାର୍କେଟ୍ କମ୍ପ୍ଲେକ୍ସର ଦୋକାନୀଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ଦୋକାନ ସିଲ୍ କରାଯାଇଥିଲା। ମାର୍କେଟ୍ କମ୍ପ୍ଲେକ୍ସରେ ୨୪ଟି ଦୋକାନ ରହିଛି। ମାର୍କେଟ କମ୍ପ୍ଲେକ୍ସ ସିଲ୍ ସମୟରେ ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡାଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତଥିଲେ। ଦୋକାନୀ ଭଡ଼ା ଦେଲାପରେ ମାର୍କେଟ୍ କମ୍ପ୍ଲେକ୍ସ ଖୋଲାଯିବ ବୋଲି ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ନିର୍ବାଚନ କମିଶନରଙ୍କ ପଞ୍ଚାୟତ ନିର୍ବାଚନ ସମୀକ୍ଷା

**ଯାଜପୁର ଟାଉନ,୬।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ରାଜ୍ୟ ନିର୍ବାଚନ କମିଶନର ମଧୁସୁଦନ ପାଢ଼ୀ ମଙ୍ଗଳବାର ଯାଜପୁର ଜିଲା ଗସ୍ତରେ ଆସି ଜିଲାପାଳ ଏବଂ ଅଧିକାରୀଙ୍କ ସହ ପଞ୍ଚାୟତ ନିର୍ବାଚନ -୨୦୨୭ ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲପାଳ ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ଓ ବ୍ୟାସନଗର ପୌରପରିଷଦ ନିର୍ବାହୀ ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ। କମିଶନର ଯାଜପୁର ଜିଲା ଜନସଂଖ୍ୟା ପରିସଂଖ୍ୟାନ, ୱାର୍ଡ ମେମ୍ବର, ସରପଞ୍ଚ, ଜିଲାପରିଷଦ ସଭ୍ୟ, ସମିତି ସଭ୍ୟଙ୍କ ଆରକ୍ଷଣ, ନିର୍ବାଚିତ ପ୍ରତିନିଧିଙ୍କ ଶୂନ୍ୟସ୍ଥାନ, ବାଲାଟ ବକ୍ସ ମହଜୁଦ, ମୋଟ୍ ବୁଥ୍ ସଂଖ୍ୟା ଆଦି ବିଷୟରେ ସମୀକ୍ଷା କରିଥିଲେ। ଏହାସହ ୨୦୨୨ ପଞ୍ଚାୟତନ ନିର୍ବାଚନ ବେଳେ ଜିଲାରେ ଥିବା ଅସ୍ଥାୟୀ ବୁଥ୍, ସମ୍ବେଦନ ଶୀଳ ଏବଂ ଅତି ସମ୍ବେଦନ ଶୀଳ ବୁଥ୍ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଯାଜପୁର ଏବଂ ବ୍ୟାସନଗର ପୌରପରିଷଦର ପୌର ନିର୍ବାଚନ ପାଇଁ ମଧ୍ୟ ସମୀକ୍ଷା କରାଯାଇଥିଲା।

# କାଇପଡ଼ା ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

**ବରୀ,୬।୧ (ମହେନ୍ଦ୍ର ସ୍ୱାଇଁ):**

ବରୀ ଶିକ୍ଷା ମଣ୍ଡଳ ଅଧୀନ ପିଏମ୍‌ଶ୍ରୀ କାଇପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରତିଶ୍ରୁତି ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଏବଂ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପଦାକୁ ଆଣିବା ପାଇଁ ପିଏମଶ୍ରୀ ଉତ୍ସବ ଏକ ମାଧ୍ୟମ ବୋଲି ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ୩ ପାଭିଲିୟନ ପ୍ରସ୍ତୁତ କରାଯାଇଥିଲା। ପାଭିଲିଅନ ଗୁଡିକରେ ଛାତ୍ରୀଛାତ୍ର ଆକାଂକ୍ଷୀ ମେଳା, ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ ଏବଂ ପିଏମଶ୍ରୀ ବ୍ୟବସାୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଉକ୍ତ କାର୍ଯ୍ୟକ୍ରମରେ ମୋଟ ୯୧ ପ୍ରକଳ୍ପ ସ୍ଥାନପାଇଥିଲା। ବିଚାରକଭାବେ ଗିରିଶ ଚନ୍ଦ୍ର ମିଶ୍ର, ପ୍ରଫେସର ଅରୁଣ ଦାସ, ଦାମୋଦର ବେହେରା, ଲକ୍ଷ୍ମଣ କର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। ମୁଖ୍ୟବକ୍ତାଭାବେ କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ଶତପଥୀ ଯୋଗଦେଇ ପିଏମଶ୍ରୀ ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ହେବା ସହ ଶିକ୍ଷା ପ୍ରତି ସେମାନଙ୍କ ଉତ୍ସାହ ବଢ଼ିବ ବୋଲି ମତରଖିଥିଲେ। ସମ୍ମାନିତ ଅତିଥି ଭାବେ ଲିସିୟମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦାମୋଦର ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ମିଶ୍ର, କଳାମାଟିଆ ସରପଞ୍ଚ ରଶ୍ମିତା ପରଡ଼ା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ ଜିଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ, ବ୍ଲକ ସଂଯୋଜକ ଶିବଶଙ୍କର ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଧନେଶ୍ୱର ଦାସ ଉପସ୍ଥିତ ଥିଲେ। ବିଚାରକଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି, ସାର୍ଟିଫିକେଟ ଓ ପୁରସ୍କାର ଭାବେ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉତ୍ସବକୁ ଶିକ୍ଷୟିତ୍ରୀ ଜ୍ୟୋତିପ୍ରଭା ନିଶାରାଣୀ ପ୍ରଧାନ, ଭଜନ ଚନ୍ଦ୍ର ମାଝୀ, ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ, ସର୍ବେଶ୍ୱର ପଣ୍ଡା, ଦେବଶ୍ରୀ ନାୟକ, ଅଜୟ ପରିଡ଼ା, ଜ୍ୟୋତିପ୍ରଭା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଶିକ୍ଷକ ଦେବଦାସ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

केनरा बैंक Canara Bank — A Government of India Undertaking — सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୪୦। | (କ)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । /(ଖ)୩୦.୧୦.୨୦୨୫/ (ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିସି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ସେଚଜଳର ସଂରକ୍ଷଣ, ସୁପରିଚାଳନାକୁ ଗୁରୁତ୍ୱ

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଜଗତ୍‌ସିଂହପୁର, ୬।୧
(ପ୍ରମୋଦ କୁମାର ନାୟକ)



ବୈଠକରେ ଏମ୍ପି ବିଭୁ ପ୍ରସାଦ ତରାଇ ଓ ଅନ୍ୟ ଅତିଥିମାନେ ପାଣି ପଞ୍ଚାୟତ ବିଷୟରେ ଆଲୋଚନା କରୁଛନ୍ତି।

ଚାଷୀ ଓ ଚାଷର ଉନ୍ନତି ପାଇଁ ପାଣି ପଞ୍ଚାୟତ ଗଠନ କରାଯାଇଛି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହା କ୍ରିୟାଶୀଳ ହେଲା ଭଳି ଅନୁଭବ ହେଉନାହିଁ। ଅନେକ ସ୍ଥାନରେ କେବଳ ଔପଚାରିକତା ପୂରଣ ପାଇଁ କାମ କରୁଛି, ଯାହା ବାସ୍ତବ ଲକ୍ଷ୍ୟ ପୂରଣ କରିପାରୁନାହିଁ। ବିଶେଷକରି ଜଗତ୍‌ସିଂହପୁର ଏକ ତଳିଆ ଜିଲା ହୋଇଥିଲେ ସୁଦ୍ଧା କେନାଲଗୁଡ଼ିକର ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ଯାଇ ନ ପାରିବା ଅସନ୍ତୋଷର କାରଣ ହୋଇଛି। ତେଣୁ ପାଣି ପଞ୍ଚାୟତକୁ କ୍ରିୟାଶୀଳ କରାଯିବା ଜରୁରୀ ହୋଇପଡ଼ିଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍ଭାବନା ସଭାଗୃହରେ ଜଳସମ୍ପଦ ବିଭାଗର ଜଗତ୍‌ସିଂହପୁର ବିଭାଜନସ୍ତରୀୟ ବୈଠକରେ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଥିରେ ଅତିଥିମାନେ ଯୋଗଦେଇ କହିଥିଲେ, ଉପଲବ୍ଧ ସେଚ ଜଳର ସଂରକ୍ଷଣ ସାଙ୍ଗକୁ ଉପଯୁକ୍ତ ପରିଚାଳନା କରାଯିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀମାନେ ଜଳସେଚନ ସୁବିଧା ପାଇବା ସାଙ୍ଗକୁ କିପରି ସ୍ୱାବଲମ୍ବୀ ହୋଇପାରିବେ, ତା' ଉପରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଚେତନତା ସୃଷ୍ଟି ପାଇଁ ଜଳ ସମ୍ପଦ ବିଭାଗ ଜିଲା ଶାଖା ତରଫରୁ ମଙ୍ଗଳବାରଠାରୁ ଜିଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଥିବା କୁହାଯାଇଥିଲା। କାର୍ଯ୍ୟକ୍ରମରେ ବନ୍ୟା ସମ୍ପର୍କରେ ସମୟଭିତ୍ତିକ ପ୍ରାକ୍ ସ୍ଥିତିର ଠିକ୍ ଆକଳନ କରିବା, ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଅନ୍‌ଲାଇନ ବ୍ୟବସ୍ଥାରେ ଜଳ ଆବଣ୍ଟନ, ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗରେ ବିଭାଗୀୟ ବିଭିନ୍ନ କାର୍ଯ୍ୟର ତଦାରଖ ବ୍ୟବସ୍ଥାକୁ ଦକ୍ଷତାର ସହ ନିର୍ବାହ କରିବା, ଭୂତଳ ଜଳର ଠିକ୍ ମାତ୍ରା ଜାଣିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏମ୍ପି ବିଭୁ ତରାଇ, ସମ୍ମାନିତ ଅତିଥି ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଜଳ ସମ୍ପଦ ବିଭାଗ କଟକ-୧ ମହାନଦୀ ଦକ୍ଷିଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଓ ଜଗତ୍‌ସିଂହପୁର ଅଧିକ୍ଷଣ ଯନ୍ତ୍ରୀ ବିପ୍ଳବ କେଶରୀ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ତାଳଦଣ୍ଡା ଓ ମାଛଗାଁ ସେଚାଞ୍ଚଳ ଅନ୍ତର୍ଗତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ, ଜଳ ସଂପଦ ବିଭାଗର ଯନ୍ତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ପଡ଼ିଆରେ ପାଣି ପଞ୍ଚାୟତ ସଚେତନତା ରଥ ଉଦ୍‌ଘାଟିତ ହୋଇଥିଲା। ଏହି ରଥ ତାଳଦଣ୍ଡା ଓ ମାଛଗାଁ କେନାଲର ସମସ୍ତ ସେଚାଞ୍ଚଳରେ ୪ ଦିନ ଧରି ପରିଭ୍ରମଣ କରି ଜନସାଧାରଣଙ୍କୁ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ଆଦି ବିଷୟରେ ବୁଝାଇବାରେ ସହାୟକ ହେବ ବୋଲି କୁହାଯାଇଛି। ଆସନ୍ତା ୧୩ ତାରିଖରେ ଏହି ପାଣି ପଞ୍ଚାୟତର ଜିଲାସ୍ତରୀୟ ଉଦ୍‌ଯାପନୀ କାର୍ଯ୍ୟକ୍ରମ ପାରାଦୀପର ବିଜୁ କନ୍‌ଭେନ୍‌ଶନ ହଲରେ ପାଳନ କରାଯିବ ବୋଲି କୁହାଯାଇଥିଲା।

# ଆମେରିକାର ସାମ୍ରାଜ୍ୟବାଦୀ ନୀତି ବିରୋଧରେ ପ୍ରତିବାଦ



ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଆମେରିକାର ନୀତିକୁ ବିରୋଧ କରୁଛନ୍ତି।

କୁଜଙ୍ଗ, ୬।୧ (ମନୋଜ ପ୍ରଧାନ)

ଆମେରିକା ବର୍ତ୍ତମାନ ଭେନେଜୁଏଲାର ତୈଳ ସମ୍ପତ୍ତି ଉପରେ ଲୋଲୁପ ଦୃଷ୍ଟି ପକାଇଛି। ଏଥିସହ ଆକାଶମାର୍ଗରୁ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ସୈନ୍ୟ ବାହିନୀ ଦ୍ୱାରା ଅପହରଣ କରିନେଇଛି। କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହ ଆମେରିକାର ସାମ୍ରାଜ୍ୟବାଦୀ ନୀତି ବିରୋଧରେ ପ୍ରତିବାଦ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, କବି ପୀତାମ୍ବର ତରାଇ, ବିପ୍ଳବୀ ଯୁବ ନେତା ହୃଷୀକେଶ ନାଥ, କଂଗ୍ରେସ ନେତା ନୂତନ ତ୍ରିପାଠୀ, ଶଙ୍କର ଦାସ, ଶିକ୍ଷାବିତ୍ ବାବାଜୀ ଦଳାଇ, ନବୀନ ପ୍ରଧାନ ପ୍ରମୁଖ ଯୋଗଦେଇ ଆମେରିକାର ସାମ୍ରାଜ୍ୟବାଦୀ ଚିନ୍ତାଧାରାକୁ ସମାଲୋଚନା କରିଥିଲେ।

# ବିଦ୍ୟୁତ୍ ଟାୱାର ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ



ବିଦ୍ୟୁତ୍ ଟାୱାର ବିରୋଧରେ ଆନ୍ଦୋଳନ କରୁଥିବା ସିହା ଗ୍ରାମବାସୀ।

ଏରସମା, ୬।୧ (ଦୀପ୍ତି ଖଣ୍ଡୁଆଲ)

ଏରସମା ଥାନା ଅନ୍ତର୍ଗତ ସିହା ଗ୍ରାମର ହୁରା ପଡ଼ିଆରେ ନିର୍ମାଣାଧୀନ ବିଦ୍ୟୁତ୍ ଟାୱାରକୁ ମଙ୍ଗଳବାର ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିରେ ସିପିଆଇ ନେତା ଶଶିଭୂଷଣ ସ୍ୱାଇଁ ସାମିଲ ହୋଇ କହିଥିଲେ, ଏହି ସ୍ଥାନ ଦେଇ ଚାଷଜମିକୁ ଟ୍ରାକ୍ଟର ଓ ଧାନକଟା ମେସିନ ଯାଇଥାଏ। ଚାଷୀମାନେ ଏଠାରେ ଧାନ ଶୁଖାଇ ଥା'ନ୍ତି। ଏଥିସହ ସରକାରୀ ରାସ୍ତା ଉପରେ ଉଚ୍ଚ ଶକ୍ତିସମ୍ପନ୍ନ ଟାୱାର ଯିବା କଥା ନୁହେଁ। ଏହାଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ସେ କହିଥିଲେ। ଏଥିରେ ନରେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ପ୍ରତିଦିନ ଗୋରୁଙ୍କୁ ହୁରା ପଡ଼ିଆରେ ବନ୍ଧାଯାଏ। ସେଠାରେ ଥିବା ଦୁଇଟି ବଡ଼ ପୋଖରୀକୁ ଗ୍ରାମବାସୀ ବ୍ୟବହାର କରନ୍ତି। ହୁରା ପଡ଼ିଆରେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ପ୍ରତିବର୍ଷ ରାମ ନବମୀରେ ସେଠାରେ ବାର୍ଷିକ ଉତ୍ସବ ପାଳନ କରାଯାଇଆସୁଛି। ଏଥିସହ ଇଡ୍‌କୋ ଜରିଆରେ ସରକାର ସିହା ଗ୍ରାମର ୩୨୦ ଏକର ଜମି ଅଧିଗ୍ରହଣ କରିଛନ୍ତି। ଏହି ହୁରା ପଡ଼ିଆର ଏକମାତ୍ର ଜାଗାକୁ ଗ୍ରାମବାସୀ ରକ୍ଷିତ ଅନାବାଦୀ ଭାବେ ବ୍ୟବହାର କରିଆସୁଥିଲେ। ଏଠାରେ ଟାୱାର ହେଲେ ଗ୍ରାମବାସୀ କ୍ଷତିଗ୍ରସ୍ତ ହେବେ ବୋଲି ସେ କହିଛନ୍ତି। ଗ୍ରାମବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ବିଦ୍ୟୁତ୍ ଟାୱାରକୁ ହୁରା ପଡିଆରେ ନ କରି ଅନ୍ୟତ୍ର କରିବା ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ପ୍ରିତମ ସ୍ୱାଇଁ, ବିକ୍ରମ ମହାରଣା, ସୁନୀଲ ସ୍ୱାଇଁ, ବିଜୟ ଲେଙ୍କା, ରାଜେନ୍ଦ୍ର ସ୍ୱାଇଁ, ସୁବାସ ସ୍ୱାଇଁ, ନନ୍ଦିନୀ ମଲ୍ଲିକ, ମମତା ମଲ୍ଲିକ, ନଳିନୀ ମଲ୍ଲିକ, ତୁଳସୀ ମଲ୍ଲିକ, ରଞ୍ଜିତା ମଲ୍ଲିକ, ସୁଲୋଚନା ମଲ୍ଲିକ, ଟିଙ୍କି ମଲ୍ଲିକ, ଜାନକୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ସ୍କୁଲ ଉତ୍ସବ

ଜଗତ୍‌ସିଂହପୁର, ୬।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୁନଙ୍ଗ ହାଇସ୍କୁଲ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମ ଶ୍ରୀ ସ୍କୁଲ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଜଗତ୍‌ସିଂହପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଭବାନୀ ଗୋସ୍ୱାମୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ମହାନ୍ତି, ମଣ୍ଡଳ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ପତି, ମୋ ସ୍କୁଲର ସଭାପତି ଲକ୍ଷ୍ମୀ ନାରାୟଣ ମିଶ୍ର, ସମ୍ପାଦକ ଅଶୋକ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ବାନାର୍ଜୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସ ଏବଂ ସିଆର୍‌ସିସି ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ କୈଳାଶ ଚନ୍ଦ୍ର ଜେନା ସଭା ପରିଚାଳନା କରିଥିଲେ। ମିତାଲି ମଧୁଛନ୍ଦା, ସୁନନ୍ଦା ସାହୁ, ବିଜୟଲକ୍ଷ୍ମୀ ମିଶ୍ର, ସରିତା ବେଉରା, ରୋଜାଲିନ ପ୍ରଧାନ, ପୂର୍ଣ୍ଣପ୍ରଭା ସାମନ୍ତରାୟ, ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ସାହୁ, ସୁଭାଷ ଚନ୍ଦ୍ର ତ୍ରିପାଠୀ ଓ ସାଗରିକା ରାଉତଙ୍କ ସମେତ ଅନ୍ତନିର୍ବେଶି ଶିକ୍ଷା ସାଧନ କେନ୍ଦ୍ରର ସହକର୍ମୀ ଓ ଆଲୁମିନି କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ବିଧାୟକ ଅମରେନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ବାସ୍ତବତା ହେଉଛି ଭାଜପା ସରକାରର ଆଧାର: ମନ୍ତ୍ରୀ ସମ୍ପଦ

## ଭଣ୍ଡୁଆ ସାହାରାଡିଆ ସେତୁର ଶିଳାନ୍ୟାସ




ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମଞ୍ଚାସୀନ ଅତିଥିମାନେ।

କୁଜଙ୍ଗ, ୬।୧ (ମନୋଜ ପ୍ରଧାନ)

ଭାଜପା ସରକାର ଶିଳାନ୍ୟାସ ପ୍ରହେଳିକାକୁ ବିଶ୍ୱାସ କରେ ନାହିଁ। ତତ୍କାଳୀନ ବିଜେଡି ସରକାର ଲୋକଙ୍କୁ ଭୁଆଁ ବୁଲାଇ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ୨୦୨୪ ମାର୍ଚ୍ଚ ୯ରେ ମହାନଦୀ ଉପରେ ଭଣ୍ଡୁଆ ସାହାରାଡ଼ିଆ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟରେ ଭାଜପା କ୍ଷମତାକୁ ଆସିବାପରେ ଉକ୍ତ ସେତୁ ନିମନ୍ତେ ବିଭାଗୀୟ ଚୁକ୍ତି ହୋଇ ନ ଥିବା ଜଣାପଡ଼ିଥିଲା। ଏହାକୁ ସ୍ୱତନ୍ତ୍ରଭାବେ ତଦାରଖ କରିବା ପରେ ୨୦୨୫ ସେପ୍ଟେମ୍ବରରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା ବୋଲି ଭଣ୍ଡୁଆ ସାହାରାଡିଆ ସେତୁର ଶିଳାନ୍ୟାସ କରି ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

ପ୍ରାୟ ୧୪ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏହି ସେତୁ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଦିପାଞ୍ଚଳ ରୂପେ ପରିଚିତ କୁଜଙ୍ଗ ବ୍ଲକର ଜିଲାନାଶି ପଞ୍ଚାୟତବାସୀଙ୍କ ଗମନା ଗମନକୁ ସୁଗମ କରିବା ନିମନ୍ତେ ଦ୍ରୁତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ଜଗତସିଂହପୁର ଏମ୍ପି ବିଭୁ ପ୍ରସାଦ ତରାଇ ଯୋଗଦେଇ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଓ ତାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ ଜିଲା ଭାଜପା ସମ୍ପାଦକ ତପନ ତ୍ରିପାଠୀ, ତପନ ସାମନ୍ତରାୟ, ରାଜେନ୍ଦ୍ର ନାରାୟଣ ଦାସ, ପଙ୍କପାଳ ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, ଦିଲ୍ଲୀପ ପ୍ରଧାନଙ୍କ ସମେତ ନିର୍ବାହୀ ସହକାରୀ ଯନ୍ତ୍ରୀ ସୌଭାଗ୍ୟ ମହାପାତ୍ର ଓ ଅନ୍ୟ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ସେତୁ ନିମନ୍ତେ ପୂର୍ବରୁ ତତ୍କାଳିନ ବିଜେଡି ସରକାରର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରିତିରଞ୍ଜନ ଘଡ଼େଇ ଓ ବିଧାୟକ ସମ୍ବିତ ରାଉତରାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ରଘୁନାଥଜୀଉ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର, ୬।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ମହାନଦୀକୂଳେ ଅବସ୍ଥିତ ରଘୁନାଥ ଜୀଉଙ୍କ ପୀଠରେ ଶ୍ରୀରାମ ମନ୍ଦିର ପୂଜା କମିଟି ପକ୍ଷରୁ ୩ ଦିନ ବ୍ୟାପୀ ଚାଲିଥିବା ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଗତ ଶନିବାର କଳସ ଯାତ୍ରା ହୋଇ ଘଟ ସ୍ଥାପନ ପରେ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ରବିବାର ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ସୋମବାର ବିଳମ୍ବିତ ରାତିରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସୁଶାନ୍ତ ପରିଡ଼ା ଓ ସୌଭାଗିନୀ ପରିଡ଼ା କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କମିଟି ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଯଜ୍ଞସ୍ଥଳ ଦର୍ଶନ କରି ବିଭୁକୃପା ଲାଭ କରିବା ସହ ପ୍ରବଚକଙ୍କ ବାଣୀକୁ ଶୁଣିଥିଲେ। ଦର୍ଶନାର୍ଥୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ପାରାଦୀପ ବନ୍ଦର ନୂତନ ପ୍ରକଳ୍ପ ପାଇଁ ପରିବେଶୀୟ ଜନଶୁଣାଣି

## ଆଗାମୀ ୧୦ବର୍ଷରେ ହେବ କାର୍ଯ୍ୟକାରୀ

ପାରାଦୀପ, ୬।୧ (ଶରତ ରାଉତ)

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଆଗାମୀ ୧୦ ବର୍ଷ ମଧ୍ୟରେ ହେବାକୁ ଥିବା ନୂତନ ପ୍ରକଳ୍ପ ପାଇଁ ମଙ୍ଗଳବାର ପରିବେଶୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଧୁବନସ୍ଥିତ ପୌର କଲ୍ୟାଣ ମଣ୍ଡପ ପାଖରେ ଆୟୋଜିତ ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବନ୍ଦରାଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ ମଧ୍ୟ ୯୪ ଜଣ ମତ ରଖି ପ୍ରାୟତଃ ପ୍ରକଳ୍ପକୁ ସମର୍ଥନ କରିଥିଲେ। ଏହି ଅବସରରେ ପାରାଦୀପର ପ୍ରଦୂଷଣ ଓ ଅନ୍ୟ ସମସ୍ୟା ଉପରେ ଜନଶୁଣାଣି ହୋଇଥିଲା।

ପାରାଦୀପ ବନ୍ଦର ସମ୍ପ୍ରସାରଣ ମଧ୍ୟରେ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ୭ଟି ନୂତନ ବର୍ଥ ନିର୍ମାଣ କାର୍ଯ୍ୟ ରହିଛି। ଏଥିପାଇଁ ୬,୯୩୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉକ୍ତ ବର୍ଥ କାର୍ଯ୍ୟକ୍ଷମ ହେଲେ ସେଥିରେ ବାର୍ଷିକ ୬୭ ମିଲିୟନ ଟନ୍ ପଣ୍ୟ କାରବାର ବୃଦ୍ଧିପାଇବ। ସେଗୁଡ଼ିକ ହେଲା ଉତ୍ତର ଡକ୍ ପାଖରେ ୩୩୦ ମିଟର ବିଶିଷ୍ଟ ଲମ୍ବା ବର୍ଥ (ଶୁଖିଲା ପଣ୍ୟ), ଦକ୍ଷିଣ ଡକ୍ ନିକଟରେ ୨୭୯ ମିଟର ବିଶିଷ୍ଟ ସବୁଜ ହାଇଡ୍ରୋଜେନ ବର୍ଥ (ଆମୋନିଆ ଓ ତରଳ ପଣ୍ୟ), ଦକ୍ଷିଣ ପିଆଇସିଟି ବର୍ଥ ପାଖରେ ୨୭୦ ମିଟର ଲମ୍ବା ବିଶିଷ୍ଟ ବର୍ଥ (କଣ୍ଟେନର ଓ ସଫା ପଣ୍ୟ), ଏସ୍‌କ୍ୟୁ ୨ ପାଖରେ ୨୬୦ ମିଟର ଲମ୍ବ ବିଶିଷ୍ଟ ବର୍ଥ (ଶୁଖିଲା ପଣ୍ୟ), ନର୍ଥ କ୍ୟୁ ୩ ପାଖରେ ୨୭୦ ମିଟର ଲମ୍ବର ବର୍ଥ (ଶୁଖିଲା ପଣ୍ୟ), ନର୍ଥ ଅଏଲ ଜେଟି ପାଖରେ ୧୨୦ ମିଟର ଲମ୍ବର ବର୍ଥ (ତରଳ ପଣ୍ୟ) ଓ ଦକ୍ଷିଣ ପଶ୍ଚିମ ଡକ୍ ପାଖରେ ସାମଗ୍ରିକ ପଣ୍ୟ ପାଇଁ ୧୪୦୦ ମିଟର ଲମ୍ବ ବିଶିଷ୍ଟ ବର୍ଥ ହେବ ବୋଲି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମୁଖ୍ୟଯନ୍ତ୍ରୀ ହିମାଂଶୁ ରାଉତ ପ୍ରାଥମିକ ସୂଚନା ଦେଇଛନ୍ତି। ବର୍ତ୍ତମାନ ପାରାଦୀପ ବନ୍ଦରରେ ୧୮ଟି ବର୍ଥ କାର୍ଯ୍ୟକ୍ଷମ ରହିଛି। ବାର୍ଷିକ ୧୭୦ ମିଲିୟନ ଟନ୍ ପଣ୍ୟ କାରବାର କରିବାକୁ ଏହାର କ୍ଷମତା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୫୦.୪୧ ମିଲିୟନ ଟନ୍ ପଣ୍ୟ କାରବାର ହୋଇଥିଲା। ଆଗାମୀ ୨୦୩୦ ସୁଦ୍ଧା ବାର୍ଷିକ ୨୫୦ ମିଲିୟନ ଟନ୍ ପଣ୍ୟ କାରବାର ଏବଂ ୨୦୪୭ ମସିହା ସୁଦ୍ଧା ୪୫୦ ମିଲିୟନ ଟନ୍ ପଣ୍ୟ କାରବାର କରିବାକୁ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟଯନ୍ତ୍ରୀ ରାଉତ କହିଥିଲେ।

# ପୋଲିସ ବଳୟରେ ଢିଙ୍କିଆ ଗ୍ରାମସଭା ଶାନ୍ତିଶୃଙ୍ଖଳାର ସହ ଶେଷ

## ଜଙ୍ଗଲ ଅଧିକାର ଆଇନ ଉପରେ ପାଟି ଖୋଲିଲେନି ବିରୋଧୀ

କୁଜଙ୍ଗ, ୬।୧ (ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ବହୁ ଚର୍ଚ୍ଚିତ ଗ୍ରାମସଭା ପୋଲିସ ବଳୟ ମଧ୍ୟରେ ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ପିଙ୍କି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମସଭାରେ ପଞ୍ଚାୟତର ଉନ୍ନତି ଓ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଯଥା ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତିକୁ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟ ଓ ଜନସାଧାରଣ ପାଖାପାଖି ୨୦୦ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ, ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଢିଙ୍କିଆର କେତେକ ସର୍ବସାଧାରଣ ସ୍ଥାନରେ ଅକ୍ଟୋବର ୨୭ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଭାରତୀୟ ନ୍ୟାୟସଂହିତା ଧାରା ଲାଗୁ କରାଯାଇଥିଲା। ଫଳରେ ଏହି ସମୟ ମଧ୍ୟରେ ସ୍ୱତନ୍ତ୍ର ଗ୍ରାମସଭା ହୋଇ ପାରି ନ ଥିଲା। ଏନେଇ ଜଣେ ୱାର୍ଡ ସଭ୍ୟ ଓ ଅନ୍ୟଜଣେ ବ୍ୟକ୍ତି ତୁରନ୍ତ ଗ୍ରାମସଭା ଆୟୋଜନ କରିବାକୁ ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶମତେ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ୱତନ୍ତ୍ର ଗ୍ରାମସଭା ଡକାଯାଇଥିଲା। ୨୦୦୬ ଜଙ୍ଗଲ ଅଧିକାର ଆଇନ ଲାଗୁ କରିବା ଓ ବିନା ଗ୍ରାମସଭା ଅନୁମୋଦନରେ ଲୋକମତକୁ ଚାପି ଦେଇ ଜଙ୍ଗଲ ଜମିକୁ ବେଆଇନ ଭାବେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ସରକାର ଟେକି ଦେଇଥିବା ନେଇ ଅଭିଯୋଗ କରି ଆସୁଥିବା ଶିଳ୍ପ ବିରୋଧୀମାନେ ଗ୍ରାମସଭାରେ ପାଟି ଖୋଲି ନ ଥିଲେ। ଏହା ଆଲୋଚନାର ବିଷୟ ହୋଇଛି। ମୁଖ୍ୟତଃ ବିରୋଧୀ ଶିବିରରେ ଫାଟ ସୃଷ୍ଟି ଯୋଗୁ ଆଜି ନେତାମାନେ ମୁହଁ ଖୋଲି ନ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ଶିବିରରେ ଥିବା ଫାଟକୁ ଲୁଚାଇବାକୁ ଯାଇ ପୂର୍ବରୁ ଗ୍ରାମସଭାରେ ଜଙ୍ଗଲ ଅଧିକାର ଆଇନ ଉପରେ ପ୍ରସ୍ତାବ ଆଗତ କରାଯାଇଛି। ଆଉ ସେ ପ୍ରସଙ୍ଗ ଉଠାଇବା ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହି ଗ୍ରାମସଭାରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ମିତଞ୍ଜଳି ଭୋଇ, ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ପ୍ରଶାନ୍ତ ଲେଙ୍କା, ଅକ୍ଷୟ ବେହେରା, ଭ୍ରମରବର ଦାସଙ୍କ ସମେତ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୂର୍ଯ୍ୟପ୍ରକାଶ ସାମନ୍ତସିଂହାର ଉପସ୍ଥିତ ଥିବାବେଳେ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ ଭୋଇ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ସହ ପୋଲିସ ମୁତୟନ କରାଯାଇଥିଲା। ଏରସମାର ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ।



ଗ୍ରାମସଭାରେ ଯୋଗଦେଇଥିବା ଢିଙ୍କିଆ ଗ୍ରାମବାସୀ।

# ଜଗତ୍‌ସିଂହପୁର ପୌରାଞ୍ଚଳରେ ଭାଜପାର ମିଶ୍ରଣ ପର୍ବ

ଜଗତ୍‌ସିଂହପୁର, ୬।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୌରାଞ୍ଚଳରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନଗର ଭାଜପା ପକ୍ଷରୁ ୧୭ ନଂ. ୱାର୍ଡର ଦେଉଳି ଗ୍ରାମେଶ୍ୱର ଗ୍ରାମରେ ଅନୁଷ୍ଠିତ ଏହି ପର୍ବରେ ଉକ୍ତ ୱାର୍ଡର ପୂର୍ବତନ କାଉନ୍‌ସିଲର ଭ୍ରମର ସ୍ୱାଇଁଙ୍କ ପୁଅ ସ୍ୱାଧୀନ ସ୍ୱାଇଁ, ପୂର୍ବତନ କାଉନ୍‌ସିଲର କୈଳାସ ସେଠୀ, ଶ୍ରମିକ ନେତା ଅଦ୍ୱୈତ ନାୟକ, ରଘୁନାଥ ଦାସ, ସନ୍ତୋଷ ସ୍ୱାଇଁ, ସେକ୍ ଖାଲିକ, ମହମ୍ମଦ ଜିଲାନି, ସେକ୍ ଫରାସ, କାଙ୍ଗାଳି ମହାପାତ୍ର ଓ ପ୍ରମୋଦ ବାରିକ ପ୍ରମୁଖ ବିଧାୟକ ଅମରେନ୍ଦ୍ର ଦାସଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ଦାସ ପ୍ରତ୍ୟେକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

केनरा बैंक Canara Bank
सिंडिकेट Syndicate

କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ-ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୪୦। | (କ)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । /(ଖ)୩୦.୧୦.୨୦୨୫/ (ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିଶି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

